# ସ୍ୱାଧୀନତା ସଂଗ୍ରାମୀଙ୍କ ଗୁପ୍ତ ସଭାସ୍ଥଳ ଅବହେଳିତ

ରାୟଗଡ଼ା, ୧୩।୮ (ଭାଗ୍ୟଶ୍ରୀ ମିଶ୍ର)


ଅବହେଳିତ ଅବସ୍ଥାରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଗୁପ୍ତ ସଭା ସ୍ଥାନ।

ଆଉ ଦିନକ ପରେ ସାରା ଭାରତ ବର୍ଷ ପାଳନ କରିବ ୭୮ ତମ ସ୍ୱାଧୀନତା ଦିବସ । ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ପାଇଁ ଆଜି ଦେଶ ସ୍ୱାଧୀନତା ପାଇପାରିଥିବାରୁ ଏହି ଦିନକୁ ବେଶ୍ ଗୁରୁତ୍ୱ ଦେଇ ପାଳନ କରାଯାଉଛି। ହେଲେ ଦକ୍ଷିଣ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନରେ ହୋଇଥିବା ସମଗ୍ର ବିକାଶ କେନ୍ଦ୍ର ଏବଂ ଗୁପ୍ତ ସଭାସ୍ଥାନ ଆଜି ଭଗ୍ନ ଅବସ୍ଥାରେ ଅବହେଳିତ ଅବସ୍ଥାରେ ରହିଛି। ରାୟଗଡା ଜିଲା କୋଲନରା ବ୍ଲକ ଅନ୍ତର୍ଗତ ଗୋପାଳବାଡ଼ି ଗ୍ରାମରେ ଥିବା ଗୁପ୍ତ ସଭାସ୍ଥଳୀକୁ ପ୍ରଶାସନ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ସମୟକ୍ରମେ ଏହି ସ୍ମୃତି ଲୋପ ପାଇବାକୁ ବସିଲାଣି। ଏପରିକି ସ୍ୱାଧୀନତା ଦିବସରେ ମଧ୍ୟ ଏହାକୁ ମନେ ପକା ଯାଏ ନାହିଁ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଜିଲାସ୍ତରୀୟ ବିଭଗୀୟ ଅଧିକାରୀ ଏବଂ ଉତ୍କଳ ଖଦି ମଣ୍ଡଳର ଆନ୍ତରିକତା ଅଭାବରୁ ସ୍ୱାଧୀନତା ସଂଗ୍ରାମୀଙ୍କ ପୀଠସ୍ଥଳ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି।

ଉତ୍କଳ ଖଦି ମଣ୍ଡଳ ଭୁବନେଶ୍ୱରର ଏକ ଅଂଶ ହେଉଛି ସମଗ୍ର ବିକାଶ ପ୍ରୟୋଗ କେନ୍ଦ୍ର । ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ଅଞ୍ଚଳର କୃଷି, ଆଦିବାସୀ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକାରେ ଉନ୍ନତି ଆଣିବା। ନିକଟରେ ଥିବା ଆଦିବାସୀଙ୍କଠାରୁ ଉତ୍ପାଦିତ କପା କ୍ରୟକରି ସେଠାରେ ଖଦି ତିଆରି କରାଯାଉଥିଲା। ସ୍ୱାଧୀନତା ସଂଗ୍ରାମୀମାନେ ସେହି ଖଦିକୁ ପରିଧାନ କରି ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଦିଆଯାଇଥିବା ଆନ୍ଦୋଳନ ଡାକରାକୁ ଯାଉଥିଲେ। କୋଲନରା ବ୍ଲକ ଗୋପାଳବାଡ଼ି ଗ୍ରାମରେ ଗୋପାଳ ବାଡ଼ି ଗ୍ରାମରେ ୨୭ ଏକର ଜମିରେ ରହିଛି ଏହି ଗୁପ୍ତ ସଭାସ୍ଥାନ। ଏହା ପାହାଡ଼ ଅଞ୍ଚଳ ଭିତରେ ଥିବାରୁ ଏହି ଜାଗାକୁ ଗୁପ୍ତ ବୈଠକସ୍ଥଳୀ ଭାବେ ବ୍ୟବହାର କରୁଥିଲେ । ବ୍ରିଟିଶ ଶାସନ ସମୟରେ କିପରି ଭାରତକୁ ସ୍ୱାଧୀନତା ମିଳିବ ସେ ନେଇ ସଂଗ୍ରାମୀମାନେ ଏଠାରେ ଗୁପ୍ତ ଭାବେ ସମ୍ମିଳନୀ ଏବଂ ବୈଠକ କରୁଥିଲେ। ଗୋପବନ୍ଧୁ ଦାସ, ନବକୃଷ୍ଣ ଚୌଧୁରୀ, ଜୟ ପ୍ରକାଶ ନାରାୟଣ, ରମାଦେବୀ, ନାନା ସାହେବ, ମାଳତି ଦେବୀ ପ୍ରମୁଖ ଏଠାରେ ବୈଠକ ବ୍ରିଟିଶ ଶାସନ ବିରୋଧରେ ଯୋଜନା କରୁଥିଲେ। ସେହିପରି ସମଗ୍ର ବିକାଶ ପ୍ରୟୋଗ କେନ୍ଦ୍ର ବ୍ୟବହାରକରି ସ୍ଥାନୀୟ ଅଞ୍ଚଳର ବିକାଶ କରାଇବା ଲାଗି କୁକୁଡ଼ା ଚାଷ, ଗୋପାଳନ, ଲୁଗା ବୁଣା ତନ୍ତ ମେଶିନ ସବୁ ରହିଥିଲା। ସ୍ଥାନୀୟ ଅଞ୍ଚଳ ବିକାଶ ପାଇଁ ମୁକ୍ତେଶ୍ୱର ବେଉରିଆ, ଅନ୍ନପୂର୍ଣ୍ଣା ମହାରଣା, ବିଶ୍ୱନାଥ ପଟ୍ଟନାୟକଙ୍କ ଅନେକ ଅବଦାନ ରହିଥିଲା। ୧୯୫୧ରେ ବିନୋବା ଭାବେଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଭୂଦାନ ଆନ୍ଦୋଳନକୁ ଓଡ଼ିଶାରେ ବିସ୍ତାର କରିବାକୁ ସେ ରାୟଗଡ଼ା ଆସି ଏହି ସ୍ଥାନ ପରିଦର୍ଶନ କରିଥିଲେ। ସ୍ୱାଧୀନତା ପରେ ଏଠାରେ ଗୋପାଳନ ଆରମ୍ଭ କରବା ସହ ଉତ୍ପାଦିତ କ୍ଷୀରକୁ ଅଞ୍ଚଳରେ ବିକ୍ରି କରାଯାଉଥିଲା । ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏହି କେନ୍ଦ୍ରରେ ଏବେ ତାଲା ଝୁଲୁଛି। ଅନେକ କୋଠରିର ଛାତ, କାନ୍ଥ ଭାଙ୍ଗିଗଲାଣି। ବାରଣ୍ଡା ଏବଂ ଉଦ୍ୟାନଗୁଡ଼ିକ ଏବେ ଜଙ୍ଗଲରେ ପରିଣତ ହୋଇଛି। ପୁରୁଣା ସ୍ମୃତି ଆଉ ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନାହିଁ। ଉତ୍କଳ ଖଦି ମଣ୍ଡଳ ମାଧ୍ୟମିକ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ କହିଛନ୍ତି ଅନେକ ମହତ ଉଦ୍ଦେଶ୍ୟ ରଖି କେନ୍ଦ୍ର ନିର୍ମାଣ କରାଯାଇଥିଲା। ତେଣୁ ଏହାର ପୁନରୁଦ୍ଧାର କରାଯାଇ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଗୋପାଳ ସହ ବିଭିନ୍ନ ଜୀବନ ଜୀବିକା କାର୍ଯ୍ୟକ୍ରମକୁ ପୁଣି ଥରେ ଚାଲୁ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ଭୁବନେଶ୍ୱର ଉତ୍କଳ ଖଦି ମଣ୍ଡଳ ସହ ସମ୍ପାଦକ ପ୍ରଭାସ ଚନ୍ଦ୍ର ସେଠୀ କହିଛନ୍ତି, ଏହି ସ୍ଥାନରେ ବିଦ୍ୟାଳୟ ଏବଂ ମେଡିକାଲ ପ୍ରତିଷ୍ଠା ପାଇଁ ଯୋଜନା ରହିଛି। ପ୍ରାୟ ୨ ବର୍ଷ ଭିତରେ ଏହା ପ୍ରତିଷ୍ଠା କରାଯାଇ ଲୋକଙ୍କୁ ସେବା ଯୋଗାଇଦେବାର ଲକ୍ଷ୍ୟ ରହିଛି। ଏହାବ୍ୟତୀତ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିକୁ କିପରି ସାଇତି ରଖାଯାଇପାରିବ ସେ ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ସେ କହିଛନ୍ତି।

**ସମଗ୍ର ବିକାଶ ପ୍ରୟୋଗ କେନ୍ଦ୍ରର ପୁନରୁଦ୍ଧାର ଦାବି**

# ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

ରାୟଗଡ଼ା/ଗୁଣପୁର/ପଦ୍ମପୁର/ ବିଷମ କଟକ/ଚନ୍ଦ୍ରପୁର/ ଗୁଡାରି, ୧୩।୮ (ଆଶିଷ ରଞ୍ଜନ ପଣ୍ଡା/ ପ୍ରଦୀପ କୁମାର ପାଢ଼ୀ/ପ୍ରଶାନ୍ତ କୁମାର କର/ ପ୍ରସନ୍ନ କୁମାର ପଣ୍ଡା/ ବିଜୟ ପ୍ରସାଦ ଉଲାକା/ପ୍ରମୋଦ କୁମାର ପତି)– ରାୟଗଡା ଜିଲା ପ୍ରଶାସନ ପକ୍ଷରୁ ବିକଶିତ ଭାରତ, ବିକଶିତ ଓଡିଶା ଅବସରରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଳନ


ରାୟଗଡ଼ା ଜିଲାପାଳ ପାରୁଲ ପଟାୱରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

କରାଯାଇଥିଲା। ସ୍ଥାନୀୟ ରେଲୱେ ଛକରୁ ସକାଳ ୯ଟାରେ ତ୍ରିରଙ୍ଗା ପଦଯାତ୍ରା ବାହାରିଥିଲା । ଗାନ୍ଧୀ ପାର୍କରେ ସମାବେଶ ହୋଇଥିଲା। କାର୍ଯ୍ୟକ୍ରମକୁ ନୂତନ ଜିଲାପାଳ ପାରୁଲ ପଟାୱରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ରଇତ, ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା, ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।

ଗୁଣପୁର ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟରୁ ବାହାରି ନୂଆ ବସଷ୍ଟାଣ୍ଡ ହୋଇ ନଗର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ଗୁଣପୁର ଉପ ଜିଲାପାଳ କିରଣ ଦୀପ କୌର ସହୋତା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବିଡ଼ିଓ ଶୁଭ୍ରାଞ୍ଜଳି ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ କାର୍ଯ୍ୟକ୍ରମ ହୋଇଥଲା । ସେହିପରି ଗୁଣପୁର କଲେଜ ପକ୍ଷରୁ ମଧ୍ୟ ତ୍ରିରଙ୍ଗା ଯାତ୍ରା ହୋଇଥିଲା । କଲେଜ ଠାରେ ଅଧ୍ୟକ୍ଷ ଶଶୀ ଭୂଷଣ ମହାନ୍ତି ଶୋଭାଯାତ୍ରାକୁ ସବୁଜ ପତାକା ଦେଖେଇ ଶୁଭାରମ୍ଭ କରିଥିଲେ।

ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲରୁ ଆରମ୍ଭ ତ୍ରିରଙ୍ଗା ରଥକୁ ପଦ୍ମପୁର ବିଡିଓ ଶିବପ୍ରସାଦ ପଟ୍ଟନାୟକ ଓ ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର, ତହସିଲଦାର ଦୀପ୍ତିମୟୀ ପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଖବରଦାତା ପ୍ରଶାନ୍ତ କୁମାର କର, ସାହିତ୍ୟିକ ବଳରାମ ତରାଇଙ୍କ ଦ୍ୱାରା ପ୍ରକାଶିତ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର


ପଦ୍ମପୁରରେ ତ୍ରିରଙ୍ଗା ଶୋଭାଯାତ୍ରା।

ଦାମୋଦର ଦାସ ମୋଦି ପୁସ୍ତକକୁ ଉପସ୍ଥିତ ଅତିଥିଙ୍କୁ ପ୍ରଦାନ କରିଥିଲେ। ପରେ ତ୍ରିରଙ୍ଗା ଶୋଭାଯାତ୍ରା ବିଜୟନନ୍ଦ ହାଇସ୍କୁଲରୁ ବାହାରି ପଦ୍ମପୁର ମାର୍କେଟ ଦେଇ ସୁନାରି ଘାଇ ଛକରେ ପହଞ୍ଚିଥିଲା। ଏହି ସମୟରେ ଅଭ୍ୟାସ ଟେକ୍ନ ସ୍କୁଲ ତରଫରୁ ୬୦ ଫୁଟ ଲମ୍ବର ଏକ ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ପଦ୍ମପୁର ଶିଶୁ ବିକାଶ ଅଧିକାରୀ ସାବିତ୍ରୀ ନାୟକ, ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକ, ମିଶନ ଶକ୍ତି କୋର୍ଡିନେଟର ସୁନୀଲ ମିଶ୍ର, ସରପଞ୍ଚ ପ୍ରକାଶ କଣ୍ଡାଗିରି ପ୍ରମୁଖ ସାମିଲ ହୋଇଥିଲେ। ବୁଧବାର ତ୍ରିରଙ୍ଗା ଧରି ସାଇକେଲ ଓ ବାଇକ ଶୋଭାଯାତ୍ରା କରାଯିବ ବୋଲି ବିଡିଓ କହିଛନ୍ତି।

ବିଷମ କଟକ ବ୍ଲକ ପ୍ରଶାସନ ତରଫରୁ ଆୟୋଜିତ ହର୍ ଘର୍ ତ୍ରିରଙ୍ଗା ସଚେତନତା ପଦଯାତ୍ରାକୁ ବିଧାୟକ ନୀଳମାଧବ ହିକକା ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ମା’ ମାର୍କମା ମନ୍ଦିର ସମ୍ମୁଖରୁ ଏହି ପଦଯାତ୍ରା ବାହାରି ସହର ପରିକ୍ରମାକରି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିଥିଲା । ପଦଯାତ୍ରାରେ ବ୍ଲକ ଅଧକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ,ସରପଞ୍ଚ ନମିତା କୁଲୁସିକା, ବିଡିଓ ସଦାଶିବ ନାୟକ, ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ବରିଷ୍ଠ ଶିକ୍ଷକ ଜଗନ୍ନାଥ ମେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଚନ୍ଦ୍ରପୁର ବ୍ଲକ୍ କାର୍ଯ୍ୟାଳୟରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ବସ୍‌ଷ୍ଟାଣ୍ଡ ଛକ, ମୁଖ୍ୟ ସାହି, ଇନ୍ଦ୍ରାପଡା ସହ ସମସ୍ତ ସାହି ପରିକ୍ରମା କରିଥିଲା। ଚନ୍ଦ୍ରପୁର ବିଡ଼ିଓ ଅକ୍ଷୟ କୁମାର ମଲିକ, ବ୍ଲକ ଅଧ୍ୟକ୍ଷ କୈନ କିମାକା, ଜିଲା ପରିଷଦ ସଭ୍ୟ ସୁଜିତ ବ୍ରେଡକା, ସହକାରୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, ବୁଦିବାଲି ପୂର୍ବତନ ସରପଞ୍ଚ ସୁନାମଣି ପ୍ରତିଙ୍ଗା, ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ ଶବରଙ୍କ ସମେତ ବହୁ ଅଞ୍ଚଳବାସୀ ସାମିଲ ହୋଇଥିଲେ।

ଗୁଡାରି ଏନ୍‌ଏସି ଓ ବ୍ଲକ ପ୍ରଶାସନ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏନଏସି ଅଧକ୍ଷା ସରମିତା ଶବର, ବ୍ଲକ ଅଧକ୍ଷା ଲକ୍ଷ୍ମୀ ଶବର, ଜିଲା ପରିଷଦ ସଭ୍ୟ ପତି କ୍ରାସ୍କା, ସରପଞ୍ଚ ମଧୁବନ ବଂଶୀ ଶବର, ସିଡିପିଓ ଅନିତା ପାଣିଗ୍ରାହୀ, ଏସ୍‌ଏଚଜି ମହିଳା ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ବ୍ଲକ କାର୍ଯ୍ୟାଳୟ ପରିସରରୁ ତ୍ରିରଙ୍ଗା ପତକା ଧରି ଏକ ଶୋଭାଯାତ୍ରାରେ ବାହାରିଥିଲେ। ସ୍ଥାନୀୟ ଗାନ୍ଧୀ ଛକ ନିକଟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମିଶନ ଶକ୍ତି ଗୃହ ଏବଂ ଏନ୍‌ଏସି କାର୍ଯ୍ୟାଳୟକୁ ଫେରିଥିଲେ ।


ଗୁଡାରିରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି।

# ମେଗା ପ୍ରକଳ୍ପରୁ ଜମିକୁ ମାଡୁନି ପାଣି, ଚାଷୀଙ୍କ ଦାବିପତ୍ର


ଉପ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀ।

ଗୁଣପୁର, ୧୩।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ବିଭିନ୍ନ ଅଞ୍ଚଳକୁ ମେଗା ପ୍ରକଳ୍ପର ଜଳ ସଦୁପଯୋଗ କରାଯିବା ନିମନ୍ତେ ଚାଷୀମାନେ ଉପ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉପ ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ମଧୁସୂଦନ ମାଝିଙ୍କୁ ଦାବିପତ୍ରପ୍ରଦାନ କରିଥିଲେ। ମେଗା ପ୍ରକଳ୍ପର ଜଳ ସଦୁପଯୋଗ ତଥା ଠିକ ଭାବେ ଯୋଗାଣ ହେଉ ନ ଥିବାରୁ ଚାଷ ଜମିକୁ ପାଣି ମାଡୁନାହିଁ। ଫଳରେ ପାଣି ଅଭାବରୁ ଫସଲ ନଷ୍ଟ ହେଉଛି। ଜଳ ଯୋଗାଣ ବାବଦକୁ ସେମାନେ ଜଳକର ପ୍ରଦାନ କରୁଥିଲେ ମଧ ତାର ଉପକାର ଚାଷୀମାନେ ପାଉନାହାନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଋଣ କରି ଚାଷୀମାନେ ଚାଷ କରୁଛନ୍ତି, ହେଲେ ପାଣି ଭଆବରୁ ଫସଲ ନଷ୍ଟ ହୋଇଯାଉଥିବାରୁ ସେମାନେ ହତାଶ ହୋଇପଡିଛନ୍ତି। ଏ ନେଇ ପୂର୍ବରୁ ମଧ ଅଭିଯୋଗ କରିଛନ୍ତି। ତେବେ କୌଣସି ଫଳପ୍ରଦ ହୋଇନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ପୂର୍ବତନ ସରପଞ୍ଚ ଗୌରି ଗମାଙ୍ଗଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ସୁଧୀର ୱାଦାପୁ, ପାଲା.ଲାଛେୟା, ଏମ୍.କେ.ବେହେରା, ଜେ.ସୀମାଦ୍ରି, ଆର୍.ଗୌଡ, ପ୍ରଦୀପ କୁମାର ବେହେରା ପ୍ରମୁଖ ଚାଷୀମାନେ ଉପସ୍ଥିତ ଥିଲେ।

# କୃଷକ ମୋର୍ଚ୍ଚା ସଭାପତିଙ୍କ ସହ ଆଲୋଚନା

ମୁନିଗୁଡ଼ା, ୧୩।୮ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ଅଞ୍ଚଳର କୃଷି ଓ କୃଷକ ସମସ୍ୟା ସମ୍ପର୍କରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁଙ୍କ ସହ ଆଲୋଚନା କରିଛନ୍ତି। ସେ କଳାହାଣ୍ଡି ଯିବା ସମୟରେ ମୁନିଗୁଡ଼ା ସହୀଦ ଲକ୍ଷ୍ମଣ ନାୟକ ଛକ ନିକଟରେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା ଓ ବ୍ଲକ୍ କୃଷକ ମୋର୍ଚ୍ଚା ସଭାପତି ବୁଦ୍ଧିଆ ଗୌଡ଼ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୃଷକ ମୋର୍ଚ୍ଚା ସଭାପତି ସାହୁ, ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ସଂଯୋଜକ ସୁଦର୍ଶନ ବିଶ୍ୱାଳ ଏବଂ ନୟାଗଡ଼ ଜିଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀବାସ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ମୁନିଗୁଡ଼ା କୃଷକଙ୍କ ଦୀର୍ଘ ବର୍ଷର ସମସ୍ୟା କ୍ଷେତକୁ ପାଣି, କୃଷକଙ୍କୁ ଆର୍ଥିକ ସହାୟତା, ଉପାନ୍ତ ମୁନିଗୁଡ଼ା ଅଞ୍ଚଳରେ ଅର୍ଥନୈତିକ ଉଦ୍ୟାନ କୃଷିକୁ ପ୍ରୋତ୍ସାହନ, ଉନ୍ନତ ବଜାର ବ୍ୟବସ୍ଥା, କୋଲଡଷ୍ଟୋର ନିର୍ମାଣ ଆଦି ଅନେକ ଦିଗ ଉପରେ ଆଲୋକପାତ କରିଥିଲେ। ବଂଶଧାରା ନଦୀବନ୍ଧ ଜଳସେଚନ ଯୋଜନାରେ କୁମୁଡ଼ାବାଲି ଅନ୍ତର୍ଗତ ଟଭାପଦରଠାରେ ଏକ ଜଳସେଚନ ପ୍ରକଳ୍ପ ହେଲେ ୧୦,୦୦୦ ହେକ୍ଟରରୁ ଅଧିକା ଜମି ଜଳସେଚିତ ହୋଇପାରିବ ବୋଲି କୃଷକ ନେତା ବୁଦ୍ଧିଆ ଗୌଡ଼ କହିଥିଲେ। ସେହିପରି ରାଘୁବାରି ପଞ୍ଚାୟତ ନେଲବାର ଗ୍ରାମ କଞ୍ଚୁଟା ନାଳ ଉପରେ ଏକ ଜଳସେଚନ ପ୍ରୋଜେକ୍ଟ ସହ ଶିବପଦର ପଞ୍ଚାୟତ ଧାଣ୍ଡାର ଜଳସେଚନ ପ୍ରକଳ୍ପ ନିର୍ମାଣ ହେଲେ କୃଷି ଓ କୃଷକର ଆର୍ଥିକ ବିକାଶ ହୋଇପାରିବ ବୋଲି କୃଷକମାନେ କହିଥିଲେ। ଏଥିନେଇ ବ୍ଲକ୍ କୃଷକ ମୋର୍ଚ୍ଚା ସଭାପତି ଗୌଡ଼ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ସାହୁ ଏ ବିଷୟରେ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ସମୟରେ ମୁନିଗୁଡା ଭାଜପା ମଣ୍ଡଳ ସଭାପତି ଜଗା ଶବର, ଭୀମ ବେହେରା, ପଦ୍ମ ବେହେରା, ସୁବାସ ଗୌଡ଼, ସୁନ୍ଦର ରାଜୁ, ଯୁବନେତା ଟୁନା କରକରିଆ,ଗରିବ ଗରଡିଆ, ଆଲିବାନ ବାଗ, ରାକେଶ ଗେଲ, ରମେଶ ଗୌଡ଼, ଚନ୍ଦନ ସାହୁ, ସୁନ୍ଦର ରାଜୁ ପ୍ରମୁଖ ଉପସ୍ଥିତ ଥିଲେ ।


କୃଷକ ମୋର୍ଚ୍ଚା ସଭାପତିଙ୍କ ସହ ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

# ଶାଗୁଆନ କାଠ ଜବତ: ଜଣେ ଗିରଫ

ଗୁଣପୁର, ୧୩।୮ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ମରମା ପଞ୍ଚାୟତ ଗୁମୁରିଗୁଡା ଅଞ୍ଚଳରୁ ଆନ୍ଧ୍ରର ପ୍ରଦେଶର କତ୍ତୁରୁକୁ ଶାଗୁଆନ କାଠ ଚୋରା ଚାଲାଣ ହେଉଥିବାବେଳେ ଗୁଣପୁର ବନ ବିଭାଗ ଚଢ଼ାଉ କରି ପିକଅପ୍ ଗାଡି ସହ ୩୦ ଶାଗୁଆନ ଗଣ୍ଡି ଜବତ କରିଛି। ଏହି ଘଟଣାରେ ଗାଡିର ଡ୍ରାଇଭର ଏନ.କୁମାର ସ୍ୱାମୀଙ୍କୁ ଗିରଫ କରିଛି। ଜବତ ହୋଇଥିବା ସାଗୁଆନ କାଠର ପରିମାଣ ୩୮.୦୯ ସିଏଫଟ ହେବ ଏହାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ବୋଲି କୁହାଯାଇଛି । ରେଞ୍ଜର ଗଙ୍ଗାଧର ମିଶ୍ର, ଫରେଷ୍ଟର ଶିବାନୀ ପାତ୍ର, ଗାର୍ଡ ସସ୍ମିତା ପାତ୍ର, ସ୍ୱାପ୍ନା କୁମାରୀ ବାଉରୀ ଏବଂ ରାମ କୁମାର ନାୟକ ପ୍ରମୁଖ ଚଢାଉରେ ସାମିଲ ଥିଲେ। ଗାଡିରେ ଥିବା ଅନ୍ୟ ଜଣେ ଫେରାର ହୋଇଯାଇଥିବା ଜଣାପଡିଛି।

# ଦିଲ୍ଲୀରେ କମାଲ ଦେଖାଇଲେ ଲିମାପଦର ଗ୍ରାମର ରଞ୍ଜନ


ଆଇଡିବିଆଇ ବ୍ୟାଙ୍କର ସିଇଓ ଓ ଚିଫ ଜେନେରାଲ ମ୍ୟାନେଜର ରଞ୍ଜନ ରଥ ଅର୍ଥମନ୍ତ୍ରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ଗୁଣପୁର, ୧୩।୮ (ପ୍ରଦୀପ କୁମାର ପାଢ଼ୀ)

ଦିଲ୍ଲୀରେ ଚମକିଛନ୍ତି ରାୟଗଡା ଜିଲା ରାମନଗୁଡ଼ା ବ୍ଲକ ଲିମାପଦର ଗାଁର ରଞ୍ଜନ ରଥ । ଆଇଡିବିଆଇ ବ୍ୟାଙ୍କରେ ଚିଫ ଜେନେରାଲ ମ୍ୟାନେଜର ତଥା ଜୋନାଲ ହେଡ ରୂପେ ଅବସ୍ଥାପିତ ଅଛନ୍ତି ରଞ୍ଜନ ରଥ। ନିଜର କୁଶଳ କାର୍ଯ୍ୟ ଦକ୍ଷତା ତଥା ସଚ୍ଚୋଟ ମନୋଭାବ ପାଇଁ ସେ ଏହି ସଫଳତା ପାଇଛନ୍ତି। ଆଇଡିବିଆଇ ବ୍ୟାଙ୍କର ଲାଭାଂଶ ପ୍ରାୟ ୭୩୫ କୋଟି ଟଙ୍କାର ଏକ ଚେକ ବ୍ୟାଙ୍କର ସିଇଓ ରାକେଶ ଶର୍ମା ଓ ଚିଫ ଜେନେରାଲ ମ୍ୟାନେଜର ରଞ୍ଜନ ରଥଙ୍କ ଉପସ୍ଥିତିରେ କେନ୍ଦ୍ର ସରକାରଙ୍କ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ପ୍ରଦାନ କରିଛନ୍ତି। ଏହି ଖବର ପରେ ଲିମାପଦର ଗାଁରେ ଖୁସିର ଲହରୀ ଖେଳିଯାଇଛି । ତାଙ୍କର ଏହି ସଫଳତା ପାଇଁ ପ୍ରପନ ତ୍ରିପାଠୀ, ସୁବାସ ଚନ୍ଦ୍ର ପଣ୍ଡା,ଚକ୍ରପାଣି ତ୍ରିପାଠୀ, ଅଧାପକ ରମେଶ ଚନ୍ଦ୍ର ପଣ୍ଡା ଓ ସୀତାରାମ ଯୁବକ ସଂଘର ସଦସ୍ୟ ହର ପ୍ରସାଦ ରଥ, ଚିନ୍ମୟ ପଣ୍ଡା, ମଧୁସୂଦନ ପଣ୍ଡା ପ୍ରମୁଖ ଶୁଭେଚ୍ଛା ଜଣେଇଛନ୍ତି।

# ଘୁଙ୍ଗୁର କଳା ବିକାଶ କେନ୍ଦ୍ର ଶୁଭାରମ୍ଭ ନେଇ ବୈଠକ

ମୁନିଗୁଡ଼ା, ୧୩।୮ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ସୌଣ୍ଡିକ ମଙ୍ଗଳ ଭବନ ପରିସରରେ ବାଦ୍ୟ, ସଙ୍ଗୀତ, ନୃତ୍ୟ ଓ ଚିତ୍ରକଳା ଉପରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯିବା ପାଇଁ ଘୁଙ୍ଗୁର କଳା ବିକାଶ କେନ୍ଦ୍ର ଶୁଭାରମ୍ଭ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ଅଧ୍ୟକ୍ଷ ପ୍ରଣବ ପ୍ରକାଶ ଚୌଧୁରୀଙ୍କ ସଭାପତିତ୍ୱ ଓ ମୁନିଗୁଡ଼ା କଳା ନିକେତନ ସଂଗଠକ ପ୍ରମୋଦ କୁମାର ସାହୁକାର ଏବଂ ପ୍ରସାଦ କୁମାର ସାହୁକାରଙ୍କ ମିଳିତ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡ଼ିଶାର ଖ୍ୟାତନାମା ଓଡ଼ିଶୀ ନୃତ୍ୟଗୁରୁ ସୁଶ୍ରୀ ସସ୍ମିତା ପଣ୍ଡା ଉପସ୍ଥିତ ରହି ଘୁଙ୍ଗୁର କଳା ବିକାଶ କେନ୍ଦ୍ରର ଗଠନ ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିଥିଲେ। ଏହି ଗୁରୁକୁଳ ଶିକ୍ଷାନୁଷ୍ଠାନରେ ବିଦ୍ୟାର୍ଥୀମାନେ ସ୍ନାତକ ଓ ସ୍ନାତକୋତ୍ତର ପର୍ଯ୍ୟନ୍ତ ସେମାନଙ୍କ ଯୋଗ୍ୟତା ଅର୍ଜନ କରିପାରିବେ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ଚୌଧୁରୀ କହିଥିଲେ। ଏଥିପାଇଁ ସେମାନଙ୍କୁ ପରୀକ୍ଷା ଦେବା ସହିତ ଉତ୍ତୀର୍ଣ୍ଣ ପରେ ସେମାନଙ୍କୁ ସ୍ୱୀକୃତିପ୍ରାପ୍ତ ପ୍ରମାଣପତ୍ର ମିଳିବ। ଏହାର ପରିଚାଳନା ପାଇଁ ଏକ କମିଟି ଗଠନ କରାଯିବା ପାଇଁ ପ୍ରସ୍ତାବ ରଖିଥିଲେ। ପରେ ଉପସ୍ଥିତ ଅବିଭାବକ ମାନେ ଏହି ବିଦ୍ୟାଳୟର ସ୍ଥାୟୀତ୍ୱ, ସ୍ଥାନ, ପରୀକ୍ଷା ପଦ୍ଧତି, କଳାର ବିଭିନ୍ନ ଦିଗ ବିଷୟର ପ୍ରଶ୍ନ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ, ଭାଜପା ରାଜ୍ୟ ଓବସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା, ସମ୍ପାଦିକା ସୁଶୀଳା ସରାଫ, ଅଧ୍ୟାପକ କୃଷ୍ଣଚନ୍ଦ୍ର ମଲ୍ଲିକ, ଶିକ୍ଷକ କାଳନ୍ଦୀ ଚରଣ ନାୟକ, ପ୍ରମୋଦ କୁମାର ସାହୁ, ଗଣେଶ୍ୱର ସେଠୀ, ନାଟ୍ୟଗୁରୁ ଅମିତ କୁମାର ସାହ ପ୍ରମୁଖ ଉପସ୍ଥିତ ଥିଲେ।



# ଜିଆଇଇଟି ବିଶ୍ୱବିଦ୍ୟାଳୟକୁ ଏନ୍‌ଆଇଆର୍‌ଏଫ୍ ମାନ୍ୟତା

ଗୁଣପୁର, ୧୩।୮ (ପ୍ରଦୀପ କୁମାର ପାଢ଼ୀ)



ପୂର୍ବ ଭାରତର ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଜିଆଇଇଟିବିଶ୍ୱବିଦ୍ୟାଳୟ ଏନ୍‌ଆଇଆର୍‌ଏଫ୍ ମାନ୍ୟତା ପ୍ରାପ୍ତ ହୋଇଛି। ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ସର୍ବେକ୍ଷଣ କରାଯାଇ ଥିଲା। ଏଥିରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ଏନ୍‌ଆଇଆର୍‌ଏଫ୍ ଇଞ୍ଜିନିୟରିଂ ବିଭାଗରେ ୨୦୧ ରୁ ୩୦୦ ବ୍ୟାଣ୍ଡରେ ସ୍ଥାନ ପାଇଛି। ବିଶ୍ୱବିଦ୍ୟାଳୟର ଉଚ୍ଚକୋଟିର ଶିକ୍ଷାଦାନ ଓ ସମ୍ବଳ, ଗବେଷଣା ଓ ବୃତ୍ତିଗତ ଅଭ୍ୟାସ, ଭିତ୍ତିଭୂମି, ଗ୍ରାଜୁଏସନ ଫଳାଫଳ ଓ ନିଯୁକ୍ତି ସୁଯୋଗକୁ ପରୀକ୍ଷଣ କରିବା ପରେ ଏହି ମାନ୍ୟତା ପ୍ରଦାନ କରିଛନ୍ତି। ଏହା ଜାଣିବା ପରେ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ର,ଅଭିଭାବକ, ଅଧ୍ୟାପକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଏହି ପଦକ୍ଷେପକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସାଧୁବାଦ ଜଣାଇଛନ୍ତି। ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟରିଂ ଶିକ୍ଷାଦାନ ସହ ଏମ୍‌ବିଏ, ଏମ୍‌ସିଏ, ଏମଏସ୍‌ସି, ବିବିଏ, ବିସିଏ, ବିଏସସି ଏଗ୍ରିକଲଚର ଓ ନର୍ସିଂ ପ୍ରଭୃତି ଶିକ୍ଷାଦାନ ଚାଲୁ ରହିଛି ।

# ଅନ୍ଧାରରେ ରାୟଗଡ଼ା ବସ୍‌ଷ୍ଟାଣ୍ଡ

ରାୟଗଡ଼ା, ୧୩।୮ (ଆଶିଷ ରଞ୍ଜନ ପଣ୍ଡା)




**ବିଦ୍ୟୁତ୍ ବିଚ୍ଛିନ୍ନ କଲା ପୌର ପରିଷଦ**

ରାୟଗଡ଼ାସ୍ଥିତ ବସ୍‌ଷ୍ଟାଣ୍ଡ ସୋମବାରଠାରୁ ଅନ୍ଧାରରେ ରହିଛି । ପୌର ପରିଷଦ ପକ୍ଷରୁ ଏଠାରେ ରହିଥିବା ଓଡ଼ିଶା ରାଜ୍ୟ ପରିବହନ ନିଗମ ଅଫିସ, ଆଧାର କେନ୍ଦ୍ର, ପୋଲିସ ଫାଣ୍ଡି, ଘରୋଇ ବସ୍ ମାଲିକ ସଂଘ, ଏସ୍‌ବିଆଇ ଏଟିଏମ୍‌କୁ ବିଦ୍ୟୁତ୍ ସେବା ବନ୍ଦ କରିଦିଆଯାଇଛି । ୨୦୧୫ରୁ ଏଠାରେ ସମସ୍ତ କାର୍ଯ୍ୟାଳୟ ଖୋଲାଯାଇଥିଲେ ମଧ୍ୟ କେହି ପୃଥକ୍ ବିଦ୍ୟୁତ୍ ଲାଇନ୍ ବ୍ୟବସ୍ଥା ନ କରି ଶୌଚାଳୟ ପାଇଁ ପୌର ପରିଷଦ ପକ୍ଷରୁ ଖଞ୍ଜାଯାଇଥିବା ବିଦ୍ୟୁତ୍ କନେକ୍ସନକୁ ବେଆଇନ ଭାବେ ବ୍ୟବହାର କରୁଥିଲେ। ଏ ନେଇ ପୌର ପରିଷଦ ପକ୍ଷରୁ ବାରମ୍ବାର କନେକ୍ସନ ନେବା ପାଇଁ ନିର୍ଦ୍ଦେଶ ହୋଇଥିଲେ ସେମାନେ ଏହାକୁ ବେଖାତିର କରିଚାଲିଥିଲେ। ଫଳରେ ବିଦ୍ୟୁତ୍ ବିଲ୍ ବାନ୍ଧି ବ୍ୟାପକ କ୍ଷତି ସହୁଥିଲା ପୌର ବିଭାଗ । ଚଳିତ ମାସରେ ୭୭ ହଜାର ଟଙ୍କା ବିଲ୍ ଆସିବା ପରେ ପୌର ବିଭାଗ ପକ୍ଷରୁ ସୋମବାର ସମସ୍ତ କାର୍ଯ୍ୟାଳୟକୁ ଯାଇଥିବା ବେଆଇନ ବିଦ୍ୟୁତ୍ କନେକ୍ସନକୁ କାଟିଦିଆଯାଇଛି। ଅନ୍ୟପଟେ ଏ ନେଇ ଘରୋଇ ବସ୍ ମାଲିକ ସଂଘ, ଓଡ଼ିଶା ରାଜ୍ୟ ପରିବହନ ନିଗମ ଲିମିଟେଡ୍‌ର କର୍ମକର୍ତ୍ତା ମଙ୍ଗଳବାର ପୌର ନିର୍ବାହୀ ଅଧିକାରୀଙ୍କୁ ବିଦ୍ୟୁତ୍ ଯୋଗାଣ ପାଇଁ କହିବା ସହ କିଛି ଦିନ ମହଲତ ଦେବାକୁ ଅନୁରୋଧ କରିଥିବା ଜଣାପଡ଼ିଛି । ଏ ନେଇ ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ପଚାରିବାରୁ, ବେଆଇନ ଭାବେ ବିଦ୍ୟୁତ୍ କନେକ୍ସନ ନେଇଥିବାରୁ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ କରିଦିଆଯାଇଛି ବୋଲି କହିଛନ୍ତି । ସେମାନଙ୍କୁ ପୃଥକ ଲାଇନ ଆବେଦନ କରିବା ପାଇଁ ପୌର ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

# ବାଂଲାଦେଶୀଙ୍କୁ ରାଜ୍ୟରୁ ବିଦା କରାଯାଉ

## ବିଡିଓଙ୍କୁ ଦାବିପତ୍ର ଦେଲା ସଚେତନ ନାଗରିକ ମଞ୍ଚ

ସୁନାବେଡ଼ା/ସେମିଳିଗୁଡା, ୧୩।୮ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)



ବାଂଲାଦେଶୀ ବିରୋଧୀ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ପ୍ରତିବାଦରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏକ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସେମିଳିଗୁଡା ନୂଆ ବସଷ୍ଟାଣ୍ଡଠାରୁ ଏହି ଶୋଭାଯାତ୍ରା ବାହାରି ବାହାରି ୨୬ ନଂ ଜାତୀୟ ରାଜପଥ ଦେଇ ନାଲକୋ ଛକ ନିକଟରେ ଶେଷ ହୋଇଥିଲା। ସେମିଳିଗୁଡା ବିଡ଼ିଓ ଜସ୍ମିନ ପ୍ରଧାନଙ୍କୁ ମଞ୍ଚ କର୍ମକର୍ତ୍ତା ମାନେ ଏକ ଦାବିପତ୍ର ଦେଇଥିଲେ। ସେମିଳିଗୁଡା, ସୁନାବେଡା ସମେତ ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରେ ରହୁଥିବା ବାଂଲାଦେଶୀ, ରୋହିଙ୍ଗିଆମାନଙ୍କୁ ବିଦା କରିବାକୁ ଶୋଭାଯାତ୍ରାରେ ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା, ସେମିଳିଗୁଡା ଓ ସୁନାବେଡା ଅଞ୍ଚଳର ଶତାଧିକ ଜନସାଧାରଣ, ବହୁ ହିନ୍ଦୁ ସଙ୍ଗଠନର ସଦସ୍ୟମାନେ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ସାମ୍ପ୍ରତିକ ପରିସ୍ଥିତିରେ ପଡ଼ୋଶୀ ବାଂଲାଦେଶରେ ରାଜନୈତିକ ପଟ୍ଟ ପରିବର୍ତ୍ତନ ପରେ ମୌଳବାଦୀମାନେ ସେଠାକାର ସଂଖ୍ୟାଲଘୁ ଓ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରି ଧନଜୀବନ ହାନି ଘଟାଉଛନ୍ତି। ମା' ଭଉଣୀଙ୍କୁ ଅତ୍ୟାଚାର କରୁଛନ୍ତି। ସେଠାରେ ଲୋକଙ୍କ ମାନବ ଅଧିକାରର ସମ୍ପୂର୍ଣ୍ଣ ଉଲଂଘନ ମଧ୍ୟ ହେଉଥିବା ମଞ୍ଚ ସଭାପତି ଓ ସମ୍ପାଦକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଓଡିଶାର ବିଭିନ୍ନ ସ୍ଥାନ ଏବଂ ସୁନାବେଡ଼ା ଓ ସେମିଳିଗୁଡା ଅଞ୍ଚଳରେ ବିଭିନ୍ନ ସମୟରେ ବାଂଲାଦେଶୀ ଓ ରୋହିଙ୍ଗିଆ ମାନେ ପ୍ରବେଶ କରି ବହୁ ସରକାରୀ ଜାଗା କବଜା କରି ସେଠାରେ ରହି ଆସୁଛନ୍ତି। ବିଭିନ୍ନ ସମୟରେ ସେମାନେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ବେଳେ ସେମାନଙ୍କ କାର୍ଯ୍ୟକଳାପ ଭବିଷ୍ୟତରେ ଆମ ନିରାପତ୍ତା ଓ ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ଆଣିପାରେ ବୋଲି ଅଞ୍ଚଳର ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି। ସରକାରଙ୍କ ପକ୍ଷରୁ ଯଥା ଶୀଘ୍ର ପଦକ୍ଷେପ ଗ୍ରହଣ କରି ଏମାନଙ୍କୁ ଆମ ଅଞ୍ଚଳ ତଥା ଓଡ଼ିଶା ଏବଂ ଦେଶରୁ ଶୀଘ୍ର ବିଦା କରିବାକୁ ଦାବି କରି ଶତାଧିକ ଜନସାଧାରଣଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୁନାବେଡ଼ା ପୌରାଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ଶିବଶକ୍ତି ବଣିକ ସଂଘର ସମ୍ପାଦକ ଏମ. ରମେଶ, ଅମିତ ଅଗ୍ରୱାଲ, ସମାଜିକ କର୍ମୀ ସ୍ନିଗ୍ଧାରାଣୀ ମିଶ୍ର, ମନୋରଞ୍ଜନ ବେହେରା, ବିଚିତ୍ରାନନ୍ଦ ଧଳ, ଅଲେଖ ଦାସ, ସତ୍ୟ ରଞ୍ଜନ ମିଶ୍ର, ଅଶୋକ ପ୍ରଧାନ, ଅଶ୍ୱିନୀ ଜେନା,ଦିଗାମ୍ବର ନାୟକ,ବିଷ୍ଣୁ ପାତ୍ରଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ୨୮ ଅଭିଯୋଗର ହେଲା ଶୁଣାଣି

କୋରାପୁଟ, ୧୩।୮ (ଅମିତାଭ ବେହେରା)

କୋରାପୁଟ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର କେନ୍ଦାର ଗ୍ରାମ ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା ବୋଲି ଅଧ୍ୟକ୍ଷା ନମିତା ମାଝୀ କହିଛନ୍ତି। ଘର ଡିହ ପଟ୍ଟା, ଭତ୍ତା ସମେତ ବିଭିନ୍ନ ସମସ୍ୟା ସମ୍ପର୍କିତ ଅଭିଯୋଗ ଆସିଥିଲା। ଶିବିରରେ ବ୍ଲକ ଅଧ୍ୟକ୍ଷାଙ୍କ ସହ ଜିଲା ପରିଷଦ ସଭ୍ୟ ରଘୁ ଜାନୀ, ବ୍ଲକ ଉପାଧ୍ୟକ୍ଷ ଶିବ ଗୋଲାରି, ସରପଞ୍ଚ କୌଶଲ୍ୟା ଜାନି, ସମିତି ସଭ୍ୟା ପ୍ରତିମା ଜାନି, ଜିପିଓ ଅଶୋକ ଶତପଥୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୌରାଙ୍ଗ କଅଁର, ବଜାର ନିରୀକ୍ଷକ ପ୍ରଭାସ ଶତପଥୀ, ଏପିଓ ସନ୍ତୋଷୀ ମହାପାତ୍ରଙ୍କ ସହ ବ୍ଲକସ୍ତରୀୟ ଅଧିକାରୀ ଏବଂ କ୍ଷେତ୍ର ଅଧିକାରୀମାନେ ଉପସ୍ଥିତ ଥିଲେ। ପିଇଓ ବିଜ୍ଞାନ ନାୟକ ପରିଚାଳନା କରିଥିଲେ।

### ୨ଆଇନଜୀବୀଙ୍କ ମୃତ୍ୟୁରେ ସ୍ମୃତିସଭା

ଜୟପୁର, ୧୩।୮ (ପବନ ପାଣିଗ୍ରାହୀ)

ଦୁଇ ଆଇନଜୀବୀ ଖ୍ରୀଷ୍ଟିଆନପେଟାର ଆଇନଜୀବୀ ଖ୍ରୀଷ୍ଟ ପ୍ରେମ ନାୟକ ଓ ସରୋଜ ଭଦ୍ରାଙ୍କ ମୃତ୍ୟୁରେ ମଙ୍ଗଳବାର ଜିଲା କୋର୍ଟ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଉଭୟ ଆଇନଜୀବୀଙ୍କ ସୋମବାର ରାତିରେ ପରଲୋକ ହୋଇଥିଲା। ମଦନ ମୋହନ ନାୟକ ଦୀନବନ୍ଧୁଆଗ୍ରୱାଲ, ତ୍ରିନାଥ ସିଂ ଲାଲ ବି.ରମେଶ ପାତ୍ର, ଗିରିଧର ଖରା, ହରିଶ ଚନ୍ଦ୍ର ମୁଦୁଲିଙ୍କ ସମେତ ଅନ୍ୟମାନେ ଉଭୟ ଆଇନଜୀବୀଙ୍କ ଫଟୋ ଚିତ୍ରର ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ନବନିର୍ବାଚିତ ପ୍ରତିନିଧିଙ୍କ ଶୋଭାଯାତ୍ରା

ଦାମନଯୋଡ଼ି, ୧୩।୮ (ମାନସ ରଞ୍ଜନ କର)

ଦାମନଯୋଡ଼ି ଭାରି ଓ ହାଲୁକା ମୋଟରଯାନ କର୍ମଚାରୀ ସଂଘର ନିର୍ବାଚିତ ପ୍ରତିନିଧିମାନଙ୍କ ଏକ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସଂଘ କାର୍ଯ୍ୟାଳୟ ଠାରୁ ମାଥାଲପୁଟ ବସଷ୍ଟାଣ୍ଡ ଦେଇ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ନବନିର୍ବାଚିତ କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ ଏଡବିନ ଖରା ସଭାପତି,ବିଜୟ ବିହାରୀ ପାତ୍ର ସାଧାରଣ ସମ୍ପାଦକ, ଅନୀଲ କୁଲଦୀପ କାର୍ଯ୍ୟକାରୀ ସଭାପତି,ବୁଦ୍ଧୁ ଖିଲ ଉପସଭାପତି ଏବଂ ତ୍ରିନାଥ ଖରା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

### ଭୁବନେଶ୍ୱର ରୋଟାରି କ୍ଲବ୍ ପକ୍ଷରୁ ସହାୟତା

ନନ୍ଦପୁର, ୧୩।୮ସୁନିଲ କୁମାର ପଣ୍ଡା)

ଭୁବନେଶ୍ୱରସ୍ଥିତ ରୋଟାରି କ୍ଲବ୍ ପକ୍ଷରୁ ନନ୍ଦପୁର ବ୍ଲକ ସଦର ମହକୁମା କନ୍ଦଗୁଡା ଗ୍ରାମର ନିମାଇ ପାଙ୍ଗୀ, ବୁଚି ପାଙ୍ଗୀ, ରାଧା ହନ୍ତାଲଙ୍କ ସହ ୨୦ରୁ ଊର୍ଦ୍ଧ୍ୱ ଗରିବ ମହିଳା ପୁରୁଷଙ୍କୁ କମ୍ବଳ ବାଣ୍ଟି ସହାୟତା ପ୍ରଦାନ କରାଯାଇଛି। ପର୍ଯ୍ୟଟନ ସ୍ଥଳ ରାଣୀଡୁଡୁମା ପରିଦର୍ଶନରେ ଆସିଥିବା ରୋଟାରୀ କ୍ଲବ ତଥା ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ସଭାପତି ରୋଟାରିୟାନ ବିଭୂତି ଭୂଷଣ କର, ସାମ୍ବାଦିକ ସଂଘ ସମ୍ପାଦକ ନରସିଂହ ବ୍ରହ୍ମା, କୋଷାଧ୍ୟକ୍ଷ ସୁଦର୍ଶନ ସେନାପତି ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ସହାୟତା ପ୍ରଦାନ ସମୟରେ ନନ୍ଦପୁର ପଞ୍ଚାୟତ ନାଏବ ସରପଞ୍ଚ, ମିଳିତ ଆଦିବାସୀ ବିକାଶ ପରିଷଦ ଉପସଭାପତି ପ୍ରଭାତ ଗୁରୁମାଇ, ୱାର୍ଡସଭ୍ୟ, ଖବରଦାତା ତୁଷାର କାନ୍ତ ମହାନ୍ତି, ତ୍ରିନାଥ ଖରା, ସୁନିଲ ପଣ୍ଡା, ସୁରଜିତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ତିନି ଖବରଦାତାଙ୍କୁ ନନ୍ଦପୁର ପ୍ରେସ୍‌କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବନବାସୀ କଲ୍ୟାଣ ଆଶ୍ରମର ସାଧାରଣ ସମ୍ମିଳନୀ

ଜୟପୁର, ୧୩।୮ (ପବନ ପାଣିଗ୍ରାହୀ)

ଜୟପୁରର ଏକ କଲ୍ୟାଣ ମଣ୍ଡପଠାରେ ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ ଏକ ସାଧାରଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବାଲାଜୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଆଶ୍ରମର ଅଖିଳ ଭାରତୀୟ ସଙ୍ଗଠନ ମନ୍ତ୍ରୀ ଅତୁଲ୍ ଜୀ ଜୋଗ୍ ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଭାରତ ଗଠନ ଓ ସ୍ୱାଧୀନତା ଆନ୍ଦୋଳନରେ ବନବାସୀମାନଙ୍କ ଭୂମିକା ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ। ରାଜ୍ୟ ସଙ୍ଗଠନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ଭାଞ୍ଜି, ରାଜ୍ୟ ଯୁବ ଆୟାମ୍ ପ୍ରମୁଖ ରତିକାନ୍ତ ସାହୁ, ସମ୍ଭାଗ ସଙ୍ଗଠନ ମନ୍ତ୍ରୀ ପୀତବାସ ପଣ୍ଡା ପ୍ରମୁଖ କଲ୍ୟାଣ ଆଶ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟପଦ୍ଧତି ସମ୍ପର୍କରେ ମତ ରଖିଥିଲେ। କୁନ୍ଦୁଲି ଗୁରୁକୁଳ ଆଶ୍ରମର ପୀଠାଧୀଶ ଆଚାର୍ଯ୍ୟ ମନୁଦେବଜୀ ଓ ସମାଜିକ କର୍ମୀ ଡ ଜଳେନ୍ଦ୍ର ତ୍ରିପାଠୀ ସାମ୍ପ୍ରତିକ ପରିସ୍ଥିତିରେ ଦେଶକୁ ଯୁବଗୋଷ୍ଠୀ ନେତୃତ୍ୱ ନେବାର ଆବଶ୍ୟକତା ନେଇ ଆହ୍ୱାନ ଦେଇଥିଲେ। ଗ୍ରାମାଞ୍ଚଳରେ ବନବାସୀ କଲ୍ୟାଣ ଆଶ୍ରମର କାର୍ଯ୍ୟକ୍ରମ ଏବଂ ସହରାଞ୍ଚଳରେ ଏହାର ଆବଶ୍ୟକତା ସମ୍ବନ୍ଧରେ ନଗର ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ସୂଚନା ଦେଇଥିଲେ। ଏହି ଅବସରରେ ହନୁମାନ ବିହାରଠାରେ ଚାରାରୋପଣ କରାଯାଇଥିଲା। ଶଶୀଭୂଷଣ ପଟ୍ଟନାୟକ, ପ୍ରତାପ ପଟ୍ଟନାୟକ, ଅରୁଣ ପାଳ, ନରେନ୍ଦ୍ର ସାହୁ, ଅମର ପାଳ, ସୌମେନ୍ଦ୍ର ପାଢ଼ୀ, ଦୀନେଶ ମିଶ୍ର, ନିଶାନ୍ ପଟ୍ଟନାୟକ, କବିତା ସାହୁ, ସାରଙ୍ଗ ସାମନ୍ତରାୟ ଏବଂ ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଭିଡ଼ ଜମାଉଛନ୍ତି ଅସାମାଜିକ ଯୁବକ



## ହାତୀ ଲାଇନ ପରିତ୍ୟକ୍ତ ସରକାରୀ ଗୃହ

କୋରାପୁଟ, ୧୩।୮ (ଅମିତାଭ ବେହେରା)

କୋରାପୁଟ ପୌର ପରିଷଦ ୱାର୍ଡ଼ ନମ୍ବର ୧୩ରେ ହାତୀ ଲାଇନର ଅଙ୍ଗନୱାଡି ଗୃହ ପାର୍ଶ୍ୱରେ ଥିବା ସରକାରୀ କ୍ୱାର୍ଟର୍ସଗୁଡିକ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡିଛି। ଏହି ସରକାରୀ ଗଡହଗୁଡିକ ଅସାମାଜିକ ଯୁବକମାନଙ୍କୁ ବେଶ୍ ସୁହାଉଛି। ସନ୍ଧ୍ୟା ହେଲେ ସେମାନେ ଏଠାରେ ଭିଡ଼ ଜମାଇ ମଦ୍ୟପାନ କରୁଥିବା ଦେଖିବାକ ମିଳୁଛି। ୧୮ ବର୍ଷରୁ କମ ବୟସର ପିଲାମାନେ ଏଠାରେ ପହଞ୍ଚି ନିଶା ସେବନ କରୁଛନ୍ତି। ଏନେଇ ନେଇ ହାତୀ ଲାଇନବାସିନ୍ଦା ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ପ୍ରଶାସନ ନୀରବ ରହିଛି। ଅସାମାଜିକ ଯୁବକଙ୍କ ପାଇଁ ଅଞ୍ଚଳବାସୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ସନ୍ଧ୍ୟା ହେଲେ ସେମାନେ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଶୀତିଲଗ୍ନା, ସୁବାସ ଆମ ଜିଲାର ଗର୍ବ: ଜିଲାପାଳ

## ୭୮ତମ ସ୍ୱାଧୀନତା ଦିବସ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେବେ

କୋରାପୁଟ, ୧୩।୮ (ଅମିତାଭ ବେହେରା)

ନୂଆଦିଲ୍ଲୀଠାରେ ଆୟୋଜିତ ହେବାକୁ ଥିବା ୭୮ତମ ସ୍ୱାଧୀନତା ଦିବସ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେବାକୁ କୋରାପୁଟ ଜିଲାରୁ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଶୀତିଲଗ୍ନା ଶତପଥୀ ଓ ଲମତାପୁଟ ବ୍ଲକ ଗୋଡିହଞ୍ଜାର ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀର ଛାତ୍ର ସୁବାସ ଖିଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣକ୍ରମେ ନୂଆଦିଲ୍ଲୀ ଗସ୍ତ କରିବେ। ଉଭୟେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ପ୍ରେରଣା କାର୍ଯ୍ୟକ୍ରମ ଦ୍ୱାରା ମନୋନୀତ ହୋଇଛନ୍ତି। ଏହି ଅବସରରେ କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ ଉଭୟଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଏପରି ଛାତ୍ରୀଛାତ୍ରମାନେ ଆମ ଜିଲାର ଗର୍ବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ସମୟରେ କୋରାପୁଟ ଜିଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ ମହାନ୍ତି କେନ୍ଦ୍ର ସରକାରଙ୍କ ପ୍ରେରଣା କାର୍ଯ୍ୟକ୍ରମର ଜିଲା ନୋଡାଲ୍ ଅଫିସର ତଥା ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷା ମିଲାନୀ ମିତ୍ର, ସର୍ବଶିକ୍ଷା ଅଭିଯାନର ଜିଲା ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ଓ ଶୀତିଲଗ୍ନାଙ୍କ ବାପା ଅଧ୍ୟାପକ କବି ରବି ଶତପଥୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ପ୍ରେରଣା କାର୍ଯ୍ୟକ୍ରମ ଦ୍ୱାରା ନୂଆଦିଲ୍ଲୀ ପକ୍ଷରୁ ସମଗ୍ର ଓଡିଶାରୁ ଏହି ଦୁଇଜଣ ଛାତ୍ରୀଛାତ୍ର ସ୍ୱାଧୀନତା ଦିବସ ଉତ୍ସବରେ ସାମିଲ ହେବାର ସୁଯୋଗ ପାଇଛନ୍ତି। ଉଭୟ ଛାତ୍ରୀଛାତ୍ରଙ୍କୁ ମଧ୍ୟ କେନ୍ଦ୍ରୀୟ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବି.ଟି. ନାଇଡୁ, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଗୋଟିଏ ଦିନରେ ୨ ଆଇନଜୀବୀଙ୍କ ପରଲୋକ

ଜୟପୁର, ୧୩।୮ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରରେ ଗୋଟିଏ ଦିନରେ ଦୁଇଜଣ ଆଇନଜୀବୀଙ୍କ ପରଲୋକ ଘଟିଛି। ସେମାନେ ହେଲେ ସରୋଜ ଭଦ୍ରା ଓ ଖ୍ରୀଷ୍ଟ ପ୍ରେମ ନାୟକ। ଉଭୟେ ଜୟପୁରସ୍ଥିତ ଜିଲା କୋର୍ଟରେ ଆଇନଜୀବୀ ଥିଲେ। ଦୁହେଁ ଜୟପୁରର ଖ୍ରୀଷ୍ଟିଆନ ପେଟା ବାସୀନ୍ଦା। ଜଜ୍‌କୋର୍ଟ ରାସ୍ତାରେ ରହୁଥିବା ସରୋଜ ଦୀର୍ଘ ଦିନ ଧରି କିଡନୀ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସେ ସୁସ୍ଥ ହେବା ପରେ ନିଜ କାର୍ଯ୍ୟ କରୁଥିଲେ। କିଛି ଦିନ ତଳେ ସରୋଜ ପୁଣି ଥରେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ସୋମବାର ରାତିରେ ନିଜ ଘରେ ତାଙ୍କର ମୃତ୍ୟୁ ହୋଇଥିଲା। ଖ୍ରୀଷ୍ଟ ପ୍ରେମ ମଧ୍ୟ କିଛି ଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ। ସେ ମଧ୍ୟ ସୋମବାର ସନ୍ଧ୍ୟାରେ ମୃତ୍ୟୁବରଣ କରିଥିଲେ। ସରୋଜ ଓ ଖ୍ରୀଷ୍ଟପ୍ରେମ ଉଭୟେ ପରସ୍ପରର ଭଲ ବନ୍ଧୁ ଥିଲେ। ଦଳିତ ଏବଂ ଆଦିବାସୀମାନଙ୍କ ହକ୍ ପାଇଁ ସବୁବେଳେ ଉଭୟେ ଲଢେଇ କରି ଆସୁଥିଲେ। ଗୋଟିଏ ଦିନରେ ଦୁଇ ବନ୍ଧୁ ଚାଲିଯିବା ଜୟପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଖବର ପାଇ ଜୟପୁର ଆଇନ୍‌ଜୀବୀ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ, ଓଡ଼ିଶା ମହାଦଳିତ ପରିସଂଘର ସଭାପତି ବୃନ୍ଦାବନ ଖରାଙ୍କ ସହ କର୍ମକର୍ତ୍ତା ଉଭୟଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦୁଇ ବନ୍ଧୁଙ୍କ କୋରାପୁଟ ଜିଲା ପ୍ରତି ଅବଦାନ ଅତୁଳନୀୟ ବୋଲି ସଭାପତି ଖରା ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ପ୍ରକାଶ କରିଛନ୍ତି।

# ତରୁଣ ପ୍ରଜ୍ଞା ଭାରତୀର ନୂତନ କାର୍ଯ୍ୟକାରିଣୀ ସମିତି ଗଠିତ

ଜୟପୁର, ୧୩।୮ (ପବନ ପାଣିଗ୍ରାହୀ)

ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନର ଏକ ବୈଠକ ପ୍ରସାଦ ରାଓ ପେଟାଠାରେ ଉପସଭାପତି ରାମ ଶଙ୍କର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ଚଳିତ ବର୍ଷର କାର୍ଯ୍ୟକ୍ରମ ଓ ବାର୍ଷିକ ଉତ୍ସବ ପାଳନ ପାଇଁ ସଭ୍ୟାସଭ୍ୟଙ୍କ ସମ୍ମତିକ୍ରମେ ଅନୁଷ୍ଠାନର କାର୍ଯ୍ୟକାରିଣୀ ସମିତି ପୁନର୍ଗଠନ ହୋଇଥିଲା। ଏଥିରେ ମୁଖ୍ୟ ଉପଦେଷ୍ଟା ରୂପେ ବୈଦ୍ୟନାଥ ମିଶ୍ର, ଉପଦେଷ୍ଟା ଯଜ୍ଞେଶ୍ୱର ପଣ୍ଡା, ଜାନକୀ ପାଣିଗ୍ରାହୀ ଓ ଝୁନୁ ମଲ୍ଲିକ, ସଭାପତି ତପନ କିରଣ ତ୍ରିପାଠୀ, ଉପସଭାପତି ରାମଶଙ୍କର ଷଡଙ୍ଗୀ, ସାଧାରଣ ସମ୍ପାଦକ ସୁବର୍ଣ୍ଣ କୁମାରୀ ଖିଲ, ସହ ସମ୍ପାଦକ ଅଜୟ ମଲିକ, କୋଷାଧ୍ୟକ୍ଷ ରବୀନ୍ଦ୍ର ମହାରଣା, ସଙ୍ଗଠନ ସମ୍ପାଦିକା ସବିତା ତ୍ରିପାଠୀ ଓ ମାମିନୀ ଦାଶ, ସଙ୍ଗଠନ ସଂଯୋଜକ ରୂପେ ପ୍ରମୋଦ ରାଉଳ, ପ୍ରଫୁଲ୍ଲ ପାଢ଼ୀ, କୁଳମଣି ଜେନା ଓ ରାଜେନ୍ଦ୍ର ପାଢ଼ୀ, ମନୋନୀତ ହୋଇଛନ୍ତି। ସେହିପରି ସଦସ୍ୟା ରୂପେ କବିତା ସାହୁ, ରିତାଞ୍ଜଳି ଡାକୁଆ ଓ ଲିପିକା ଦଳାଇ ମନୋନୀତ ହୋଇଛନ୍ତି।

# ଟିପ୍ପର ଧକ୍କାରେ ୨ ଗୁରୁତର

କାଲିମେଲା, ୧୩।୮ (ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା ୩୨୬ ନମ୍ବର ଜାତୀୟ ରାଜପଥ କାଲିମେଲା ଭାରତ ପେଟ୍ରୋଲ ପମ୍ପ ନିକଟରେ ଗୋଟିଏ ଟିପ୍ପର ଏବଂ ୨ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଗୁରୁତରଙ୍କୁମାଲକାନଗିରିଜିଲା ଚିକିତ୍ସାଳୟକୁ ପଠାଯାଇଛି। ମାଲକାନଗିରିରୁ ଏମ୍‌ଭି ୭୯ ଆଡକୁ ଯାଉଥିବା ଓଡି ୩୦ ଇ ୬୬୭୭ ନମ୍ବର ଥିବା ଏକ ଡମ୍ପର ଦ୍ରୁତଗତିରେ ଆସି ପ୍ରଥମେ ଗୋଟିଏ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ସେହି ସମୟରେ ସାମ୍ନା ପଟରୁ ଆଉ ଗୋଟିଏ ବାଇକ୍ ଆସୁଥିବା ବେଳେ ସେମାନଙ୍କ ସହ ମଧ୍ୟ ଧକ୍କା ହେବା ଫଳରେ ଦୁଇଟି ବାଇକ୍‌ରେ ଥିବା ୪ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ କାଲିମେଲା ପଞ୍ଚାୟତ ଇପିଡିପି କଲୋନି ଗ୍ରାମର ମଙ୍ଗଳଦାନ ହରିଜନ, ଗଣେଶ ହରିଜନ ଏବଂ ଏମ୍‌ଭି ୭୭ ଗ୍ରାମର ମାଖନ ସରକାର ଓ ନୟନ ହାଲଦାର। ଏଥିରେ ମାଖନଙ୍କ ମୁଣ୍ଡ ଫାଟିବା ସହ ଗୋଡ ଭାଙ୍ଗି ଯାଇଛି। ଆହତମାନଙ୍କୁ ପ୍ରଥମେ କାଲିମେଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ମାଲକାନଗିରି ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ଘଟଣା ଘଟାଇଥିବା ଟିପ୍ପର ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଗାଡିକୁ ସ୍ଥାନୀୟ ଲୋକେ ଅଟକ ରଖିଛନ୍ତି। ଦୁର୍ଘଟଣାରେ ଦୁଇଟି ବାଇକ୍ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି।

# ପ୍ରଶାସନର ସହାୟତା ଅପେକ୍ଷାରେ ଅସହାୟ ବୃଦ୍ଧାବୃଦ୍ଧ

କୋରାପୁଟ/ ଜୟପୁର, ୧୩।୮ (ଅମିତାଭ ବେହେରା/ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ପୌର ପରିଷଦର ୱାର୍ଡ ନଂ. ୨୨ ଗଡ଼ିଆ ଧୋବାସାହିରେ ରହନ୍ତି କୁମୁଟି ମୁଦୁଲି, ବୟସ (୬୦) ଏବଂ ତାଙ୍କ ସ୍ତ୍ରୀ ଶୁକ୍ରି। ନିଜର ବୋଲି କେହି ନାହାନ୍ତି। ବୟସାଧିକ ହେତୁ କୁମୁଟି ବାଡ଼ି ଖଣ୍ଡିଏ ଧରି ଛୋଟେଇ ଛୋଟେଇ ଚାଲୁଥିବା ବେଳେ ଶୁକ୍ରି ଆଖିକୁ ଦେଖାଯାଉ ନ ଥିବାରୁ ହାମୁଡ଼ାଇ ହାମୁଡ଼ାଇ ଚାଲନ୍ତି। ଉଭୟେ ମଧୁବାବୁ ପେନ୍‌ସନ, ଘର ଏବଂ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବାରୁ ଏ ଯାଏ ବଞ୍ଚିତ ହୋଇରହିଛନ୍ତି। ଅତି ଦୟନୀୟ ଅବସ୍ଥାରେ ଜୀବନ କାଟୁଛନ୍ତି ଏହି ବୃଦ୍ଧ ଦମ୍ପତି। ଚାଉଳ ପାଇଁ ରାଶନ କାର୍ଡ ଥିବା ସତ୍ତ୍ୱେ ଶୁକ୍ରିଙ୍କ ଫିଙ୍ଗର ପ୍ରିଣ୍ଟ ନେଉ ନ ଥିବାରୁ ୧୦ କେଜି ଚାଉଳ ପାଇବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଚାଉଳ ମିଳୁ ନ ଥିବାରୁ କେବେ କେମିତି ସାହି ବାସିନ୍ଦା ଏବଂ ୱାର୍ଡର କାଉନସିଲର ବିଷ୍ଣୁବର୍ଦ୍ଧନ ରେଡ୍ଡି କିଛି ଚାଉଳ ଏବଂ ସଉଦାପତ୍ର ଦେଲେ ଉଭୟେ ଚଳୁଛନ୍ତି। ଝାଟିମାଟିର କୁଡ଼ିଆଘରେ ରହୁଥିବା କୁମୁଟି ଓ ଶୁକ୍ରିଙ୍କ ଘରର ପଛପଟ କାନ୍ଥ ବର୍ଷାରେ ଭାଙ୍ଗିଯାଇଛି। ଘର ଉପରେ ପୂର୍ବରୁ ଘୋଡ଼ାଯାଇଥିବା ପଲିଥିନ ଜରି ଖଣ୍ଡିକ ବିଶେଷ ସହାୟକ ହେଉନାହିଁ। ଜରି ଖଣ୍ଡିଏ ପାଇବା ପାଇଁ ତହସିଲଦାରଙ୍କୁ ଜଣାଇଥିଲେ ମଧ୍ୟ ସେମାନଙ୍କୁ ଏହା ମିଳିନାହିଁ। ସେମାନଙ୍କୁ ସରକାର ସୁବିଧା ଯୋଗାଇଦେବାକୁ ପ୍ରଶାସନ ନିକଟରେ କାଉନସିଲର ରେଡ୍ଡିଙ୍କ ସମେତ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ରାସ୍ତା ସମସ୍ୟାକୁ ନେଇ ପ୍ରଶାସନର ଦ୍ୱାରସ୍ଥ ହେଲେ ଛାତ୍ରୀ

## ସଡକ ଦୁର୍ଘଟଣାରେ କଲେଜ ଛାତ୍ରୀ ଆହତ

ମାଲକାନଗିରି, ୧୩।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାସ୍ତା ସମସ୍ୟାନେଇ ଛାତ୍ରୀମାନେ ହେଲେ ପ୍ରଶାସନର ଦ୍ୱାରସ୍ଥ। ସୂଚନା ଅନୁଯାୟୀ, ଜିଲା ସଦରରେ ଥିବା ମହିଳା ମହାବିଦ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ଏମ୍‌ଭି ୪୨ ମୁଖ୍ୟ ରାସ୍ତାରେ ଦୀର୍ଘ ଦିନଧରି ଟ୍ରାଫିକ ସମସ୍ୟା ଲାଗି ରହିଛି। ଲୋକେ ଦ୍ରୁତ ଗତିରେ ଯାନବାହନ ଚଳାଚଳ କରୁଥିବା ବେଳେ ମଙ୍ଗଳବାର ଜଣେ ଛାତ୍ରୀ ଦୁର୍ଘଟଣାର ଶିକାର ହୋଇଛନ୍ତି। ଛାତ୍ରୀ ଜଣଙ୍କ ହେଲେ ଚଙ୍ଗପାଲି ଗ୍ରାମର ନାତୁଲା ମାଢ଼ି(୧୭)। ଗୁରୁତର ଅବସ୍ଥାରେ ଛାତ୍ରୀ ଜଣକୁ ଜିଲା ସଦର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସା କରୁଥିବା ବେଳେ ଏହି ରାସ୍ତାଦେଇ ଭାରି ଯାନ ଯାତାୟାତକୁ ବନ୍ଦ କରିବା ଲାଗି ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ତେବେ ବର୍ଷବର୍ଷଧରି ଉକ୍ତ ଛକଟି ଅସୁରକ୍ଷିତ ହୋଇପଡିଛି ବୋଲି ଛାତ୍ରୀମାନେ ଅଭିଯୋଗ କରିବା ସହ ଛକ ଯେତିକି ପ୍ରଶସ୍ତ ସେତିକି ମାରାତ୍ମକ ହୋଇଛି ବୋଲି ପ୍ରକାଶ କରିଛନ୍ତି। ଖାଲ ଖମା ଆଉ କାଦୁଅ ରାସ୍ତା ସାଙ୍ଗକୁ ଚାରି ମୁହାଣି ରାସ୍ତାରେ ଅନେକ ଯାନ ଯାତାୟତ କରୁଥିବା ବେଳେ ଗୋଟିଏ ପଟେ କେନ୍ଦ୍ରୀୟ ବିଦ୍ୟାଳୟ, କୋର୍ଟ ଏବଂ ମାଲକାନଗିରି ମହାବିଦ୍ୟାଳୟ ତଥା ମୁଖ୍ୟ ସଡକକୁ ରାସ୍ତା ରହିଛି। ସେହିପରି ଅନ୍ୟ ପଟେ ମହିଳା ମହାବିଦ୍ୟାଳୟ ଦେଇ ଏମ୍‌ଭି–୪୨ ଗ୍ରାମକୁ ରାସ୍ତା ଅଛି। ସେହିପରି ସାହିକୁ ରାସ୍ତା ରହିଥିବା ବେଳେ ଜିଲା ପ୍ରଶାସନ ରାସ୍ତା ମରାମତି ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ସେ ଛକରେ ବ୍ୟାରିକେଡ କରିବା ଆବଶ୍ୟକତା ରହିଥିବା ଛାତ୍ରୀମାନେ ଦାବି କରିଛନ୍ତି।

# ଡାଙ୍ଗରା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୧୩।୮ (ପବନ ପାଣିଗ୍ରାହୀ)

ଜୟପୁର ନିକଟସ୍ଥ ଡାଙ୍ଗରା ଜଙ୍ଗଲରେ ମଙ୍ଗଳବାର ଅବକାରୀ କର୍ମଚାରୀମାନେ ଚଢାଉ ଚଢାଉ କରି ମଦ ବ୍ୟବସାୟୀମାନେ ଲୁଚାଇ ରଖିଥିବା ୬୦ ଲିଟର ଦେଶୀ ମଦ ଓ ୮ଶହ ଲିଟର ପୋଚ ନଷ୍ଟ କରିଛନ୍ତି। ପୂର୍ବରୁ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ଘଟଣା ସ୍ଥଳରୁ ମଦରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ ଜବତ କରାଯାଇଥିବା ଓଆଇସି ନିଳାଦ୍ରି ବିହାରୀ ମିଶ୍ର କହିଛନ୍ତି।

# ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ଜୟପୁର, ୧୩।୮ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ସଭାଗୃହରେ ମଙ୍ଗଳବାର ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦସ୍ତଖତ ସଂଗ୍ରହ ଅଭିଯାନ ହୋଇଥିଲା। ବିଡିଓ ଶକ୍ତିମହାପାତ୍ର, ଏବିଡିଓମନୋଜନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ରଙ୍କ ସହ କର୍ମଚାରୀମାନେ ଉପସ୍ଥିତ ଥିଲେ।



ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ୩ ସହର ପରିକ୍ରମା କଲା ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

ସେମିଳିଗୁଡ଼ା/ସୁନାବେଡ଼ା/ଦାମନଯୋଡ଼ି, ୧୩।୮ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ/ମାନସ ରଞ୍ଜନ କର)







କୋରାପୁଟ ଜିଲା ସେମିଳିଗୁଡ଼ା ଓ ମାଥଲପୁଟରେ ମଙ୍ଗଳବାର ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।

ଦିନକ ପରେ ମହା ଆଡ଼ମ୍ବରରେ ପାଳନ ହେବାକୁ ଯାଉଛି ଦେଶର ୭୮ତମ ସ୍ୱାଧୀନତା ଦିବସ। ଏହି ପ୍ରରିପ୍ରେକ୍ଷୀରେ ଗାଁରୁ ସହର ପର୍ଯ୍ୟନ୍ତ ଥିବା ସ୍କୁଲ କଲେଜଗୁଡିକ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଙ୍ଗ ବେରଙ୍ଗ ସାଜସଜ୍ଜା ଦେଖିବାକୁ ମିଳିଛି। ଏହି ଅବସରରେ ସେମିଳିଗୁଡା ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ମାଧ୍ୟମରେ ଏକ ଶୋଭାଯାତ୍ରାର ଅନୁଷ୍ଠିତ ହୋଇଛି। କୋରାପୁଟ ଜିଲାପାଳ ଭି. କୀର୍ତ୍ତୀ ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ହାତରେ ଗୋଟିଏ ଗୋଟିଏ ତ୍ରିରଙ୍ଗା ଧରି ବିଭିନ୍ନ ଦେଶାତ୍ମବୋଧକ ସ୍ଲୋଗାନ ଦେଇ ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟ ପରିସରରୁ ବାହାରିଥିଲା। ପରବର୍ତ୍ତୀ ସମୟରେ ସେମିଳିଗୁଡା ସହର ମଧ୍ୟ ଭାଗରେ ଥିବା କୃଷକ ବଜାର ନିକଟରେ ଶୋଭାଯାତ୍ରା ପହଞ୍ଚି ସେଠାରୁ ବ୍ଲକ କାର୍ଯ୍ୟାଳୟ ପରିସରକୁ ଫେରିଥିଲା। ଏହି ଶୋଭାଯାତ୍ରାରେ ଜିଲାପାଳ ଭାସନ, ଅତିରିକ୍ତ ଜିଲାପାଳ ଲଗ୍ନଜିତ୍ ରାଉତ, ଉପଜିଲାପାଳ ବେଣୁଧର ଶବର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ,ସେମିଳିଗୁଡା ବିଡ଼ିଓ ଯଶ୍ମୀନ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଲିଲି ଅଷ୍ଟାବିରିଆ, ଉପାଧ୍ୟକ୍ଷ ଶିବା ବାଙ୍ଗାରି, ଅଧୀକ୍ଷଣ ଯନ୍ତ୍ରୀ ସୃଷ୍ଟି ସିଂହାସନ ମଲ୍ଲିକ, ବିଏସଏସଓ ଟି.ସୁରଭି, ସେମିଳିଗୁଡା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ଏସଏଚଜି ଗ୍ରୁପ ଓ ମିଶନ ଶକ୍ତିର ବହୁ ମହିଳା, ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।

ସେହିପରି କୋରାପୁଟ ବ୍ଲକ ଦାମନଯୋଡି ନିକଟସ୍ଥ ମାଥାଲପୁଟ ପଞ୍ଚାୟତ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମାଲୁସାଉନ୍ତା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟଠାରୁ ମାଥାଲପୁଟ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ପଦଯାତ୍ରା ହୋଇଥିଲା। ପିଇଓ କିଶୋର ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଥାଲପୁଟ ସରପଞ୍ଚ ରଞ୍ଜିତା ଗୁରୁନା, ସ୍ଥାନୀୟ ଜନପ୍ରତିନିଧି, ଅଙ୍ଗନୱାଡ଼ି ଓ ଆଶାକର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଦ୍ୟାଳୟ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକମାନେ ସାମିଲ ହୋଇଥିଲେ। ସ୍ୱାଧୀନ ଭାରତର ଜଣେ ସଚେତନ ନାଗରିକ ଭାବେ ଘରେ ଘରେ ତ୍ରିରଙ୍ଗା ଉଡାଇ ଏହି ମହାନ ଉତ୍ସବକୁ ପାଳନ କରିବା ପାଇଁ ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ଲ୍ୟାମ୍ପସରେ ୟୁରିଆ ବଣ୍ଟନ

ପାପଡ଼ାହାଣ୍ଡି, ୧୩।୮ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଲ୍ୟାମ୍ପ୍ସ ପରିସରରେ କୃଷି ବିଭାଗ ଓ ଲ୍ୟାମ୍ପ୍ସ ପକ୍ଷରୁ ମିଳିତ ଭାବେ ମଙ୍ଗଳବାର ୟୁରିଆ ସାର ବଣ୍ଟନ କରାଯାଇଛି। ବ୍ଲକ କୃଷି ଅଧିକାରୀ ସୌମ୍ୟରଞ୍ଜନ ପାତ୍ରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୩୮୦ ଅଣରଣୀ ଚାଷୀଙ୍କୁ ୩ ବସ୍ତା ହିସାବରେ ସରକାର ଦର ୨୭୦ ଟଙ୍କାରେ ୧୧୪୦ ପ୍ୟାକେଟ ବଣ୍ଟନ କରାଯାଇଛି। ଏଥିସହ ଚାଷୀଙ୍କୁ ଏକ ନାନୋ ବୋତଲ ୟୁରିଆ ମଧ୍ୟ ଯୋଗାଇଦିଆଯାଇଛି। ଏହି ସମୟରେ ପାପଡ଼ାହାଣ୍ଡି ଲ୍ୟାମ୍ପ୍ସ ଏମ୍‌ଡି ଇସ୍ମାଇଲ ସନଫୁଲ, ପଞ୍ଚାୟତ କୃଷି ଅଧିଦର୍ଶକ ସୁଧାଂଶୁ କୁମାର ବରାଡ଼ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଚାଷୀଙ୍କୁ କ୍ରମାଗତ ସାର ବଣ୍ଟନ କରାଯିବ ବୋଲି କୃଷି ଅଧିକାରୀ ସୂଚନା ଦେଇଛନ୍ତି। ଚାଷୀମାନେ ସୁଲଭ ଦରରେ ୟୁରିଆ ପାଇଥିବାରୁ କୃଷି ବିଭାଗ ଓ ଲ୍ୟାମ୍ପ୍ସ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ନିଆଁ ଲାଗି ଜଳିଗଲା ଘର

ପାପଡ଼ାହାଣ୍ଡି, ୧୩।୮ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ପଣ୍ଡିକୋଟ ପଞ୍ଚାୟତ ଚାନ୍ଦିଲି ଗ୍ରାମରେ ମଙ୍ଗଳବାର ନିଆଁ ଲାଗି ଗବରୁ ଜାନୀଙ୍କ ଘର ପୋଡ଼ିଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଘର ଉପର ଦେଇ ଯାଇଥିବା ବିଦ୍ୟୁତ୍ ତାର ଲାଗି ଶର୍ଟ ସର୍କିଟ ହୋଇ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି । ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ସୂଚନାନୁଯାୟୀ, ଗବରୁଙ୍କ ପରିବାର ଲୋକେ ବାହାରକୁ ଯାଇଥିବା ବେଳେ ଘରେ ନିଆଁ ଲାଗିଥିବା ଗ୍ରାମବାସୀ ଦେଖିଥିଲେ। ସେମାନେ ପାଣି ଢାଳି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗି ଗବରୁଙ୍କ ୪ବଖରା ଘର, କିଛି ଖାଇବା ଜିନିଷ ଓ ପୋଷାକ ଆଦି ପୋଡ଼ି ଯାଇଛି। ଗବରୁଙ୍କୁ ସହାୟତା ଦେବାକୁ ଦାବି ହୋଇଛି।

### ଗଛରେ ପିଟିହେଲା ସରକାରୀ ଯାତ୍ରୀବାହୀ ବସ୍



ପାପଡ଼ାହାଣ୍ଡି, ୧୩।୮ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ମଇଦଲପୁର ଦେଇଯାଇଥିବା ୨୬ନମ୍ବର ଜାତୀୟ ରାଜପଥରେ ଖଡ଼କା ଘାଟି ନିକଟରେ ମଙ୍ଗଳବାର ସକାଳ ୫ଟାରେ ଭାରସାମ୍ୟ ହରାଇ ଏକ ସରକାରୀ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଡ୍ରାଇଭର ନିରଞ୍ଜନ ବାରିକ ଓ ବିଦ୍ୟାଧର ବିଷୋୟୀ ଆହାତ ହୋଇ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ବସ୍‌ଟି ଭୁବନେଶ୍ୱରରୁ ଉମରକୋଟକୁ ଆସୁଥିବା ବେଳେ ମଇଦଲପୁର ନିକଟସ୍ଥ ଖଡକା ଘାଟି ନିକଟରେ ଗୋଟିଏ ଗଛକୁ ପିଟି ହୋଇଥିଲା। ଏଥିରେ ଡ୍ରାଇଭର ୨ଜଣ ଆହତ ହୋଇଛନ୍ତି। ଅନ୍ୟ ଯାତ୍ରୀମାନଙ୍କୁ କୌଣସି ଆଘାତ ହୋଇ ନ ଥିବା ସୂଚନା ମିଳିଛି।

### ୧୬୦ ଗାଈ, ମଇଁଷି ଜବତ

ନବରଙ୍ଗପୁର, ୧୩।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଏସ୍‌ପି ରୋହିତ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଥାନା ପୋଲିସ ଓ ଏସ୍‌ଡିପିଓ ଏକ ଟିମ ଗଠନ କରି ବେଆଇନ ଗୋ ଚାଲାଣ ଉପରେ ଚଢ଼ାଉ କରିଛନ୍ତି। ୪ ଟ୍ରକ ଓ ଗୋଟିଏ ୪ ଚକିଆ ଗାଡ଼ି ପୋଲିସ ଜବତ କରିବା ସହ ୧୬୦ ଗାଈ ମଇଁଷିଙ୍କୁ ଜବତ କରାଯାଇଛି। ନବରଙ୍ଗପୁର ସହର ନିକଟ ଚୁଟିଆଗୁଡା ଗାଁ ପଡ଼ିଆରେ ୩ଟି ଟ୍ରକ ଓ ଗୋଟିଏ ୪ ଚକିଆ ଗାଡ଼ିରେ ଗୋଚାଲାଣ ଉଦ୍ୟମ ହେଉଥିବାବେଳେ ସୋମବାର ପୋଲିସ ଚଢ଼ାଉ କରିଥିଲା। ପୋଲିସ ୭୦ ମଇଁଷି ଓ ୫୦ ଗାଈ ଉଦ୍ଧାର କରି ସେମାନଙ୍କୁ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଆଉଁଳି ଗୋଶାଳାରେ ରଖାଇଛି। ବିଳମ୍ବିତ ରାତିରେ ଆଉ ଏକ ଟ୍ରକ୍‌ରେ ୫୦ ଗାଈ ଜୟପୁର ଗୋଶାଳାରେ ଜିମା ଦିଆଯାଇଛି। ଏନେଇ ୩୨୧/୨୪ ଓ ୩୨୨/୨୪ ୨ଟି ମାମଲା ରୁଜୁ କରାଯାଇଛି। ଗୋ ଚାଲାଣ ଘଟଣାରେ ୩୨୧ ମାମଲାରେ ୧୩ ଜଣ ଓ ୩୨୨ ମାମଲାରେ ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜବତ ଟ୍ରକ ଓ ୪ ଚକିଆରେ ଗାଡିର ସମସ୍ତ ଆବଶ୍ୟକୀୟ କାଗଜ ପତ୍ର ମାଲିକଙ୍କୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଅଧିକ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା କହିଛନ୍ତି।

# ଆକ୍ରାନ୍ତଙ୍କୁ ବୁଝାଶୁଝା କରି ଡାକ୍ତରଖାନା ପଠାଇଲେ ବିଡିଓ

ନନ୍ଦାହାଣ୍ଡି, ୧୩।୮ (ପ୍ରତୀପ କୁମାର ଦାଶ)



## ଦଣ୍ଡସେନାଗୁଡ଼ାରେ ବ୍ୟାପିଛି ଝାଡ଼ାବାନ୍ତି

■ ଗୁଣିଆ, ଦିଶାରୀଙ୍କ ଭରସାରେ ଥିଲେ ଆକ୍ରାନ୍ତ

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଝାଡବନ୍ଧଗୁଡ଼ା ପଞ୍ଚାୟତ ଦଣ୍ଡସେନାଗୁଡ଼ାରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ୩ଜଣଙ୍କର ମୃତ୍ୟୁ ହୋଇଛି। ଏଥିସହ ଗାଁରେ ଅନେକ ଆକ୍ରାନ୍ତ ରହିଛନ୍ତି। ସେମାନେ କିନ୍ତୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଗୁଣିଆ ଦିଶାରୀଙ୍କ ଭରସାରେ ରହି ଡାକ୍ତରଖାନା ଯିବା ପାଇଁ ଅମଙ୍ଗ ହୋଇଥିଲେ। ଖବରପାଇ ମଙ୍ଗଳବାର ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଆକ୍ରାନ୍ତଙ୍କ ଘରକୁ ଯାଇ ବୁଝାଶୁଝା କରିଥିଲେ। ଆକ୍ରାନ୍ତଙ୍କୁ ନିଜେ ବୋହି ଆଣି ନନ୍ଦାହାଣ୍ଡି ଗୋଷ୍ଠୀ ଚିକିତ୍ସାଳୟରେ ପହଞ୍ଚାଇଥିଲେ।

ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ଜଣଙ୍କର ଚିକିତ୍ସା ଜାରି ରହିଛି। ଜଣେ ମହିଳା ସାମାନ୍ୟ ଗୁରୁତର ଥିବାବେଳେ ଅନ୍ୟ ସମସ୍ତଙ୍କର ସ୍ୱାସ୍ଥ୍ୟାବସ୍ଥା ସୁଧୁରୁଛି। ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ଦେଢ଼ ବର୍ଷର ଏବଂ ଜଣେ ଚାରି ଶିଶୁ ଅଛନ୍ତି। ହରିବନ୍ଧୁ ଅମନାତ୍ୟଙ୍କ ୪ ବର୍ଷର ପୁଅ କିରଣ ଆକ୍ରାନ୍ତ ହେବା ପରେ ସନ୍ଧ୍ୟାରେ ତାଙ୍କୁ ନନ୍ଦାହାଣ୍ଡି ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆକ୍ରାନ୍ତଙ୍କ ପାଇଁ ସମସ୍ତ ସୁବିଧା ଓ ଔଷଧ ମହଜୁଦ ଅଛି ବୋଲି ଚିକିତ୍ସା କରୁଥିବା ଡାକ୍ତର ସ୍ୱପ୍ନା ନାୟକ କହିଛନ୍ତି। ଏଥିସହ ଦଣ୍ଡସେନାଗୁଡ଼ାରେ ଡାକ୍ତରୀ ଟିମ ୨୪ ଘଣ୍ଟିଆ ସେବା ଯୋଗେଇବାକୁ ରହିଛନ୍ତି। ସ୍ଥିତି ସ୍ୱାଭାବିକ ହେବା ଯାଏ ସେଠାରେ ରହିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଯୁବ, ଛାତ୍ର ବିଜେଡିର କାର୍ଯ୍ୟକାରୀ ବୈଠକ



ବୈଠକରେ ଉପସ୍ଥିତ ବିଜେଡି ନେତାମାନେ।

ନବରଙ୍ଗପୁର, ୧୩।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁରରେ ଯୁବ ଓ ଛାତ୍ର ବିଜେଡିର ଏକ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବ ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ରାଜ୍ୟ ଛାତ୍ର ବିଜେଡି ସଭାପତି ତଥା ବାଙ୍କୀ ବିଧାୟକ ଦେବିରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ସଙ୍ଗଠନକୁ ଦୃଢ଼ କରିବାକୁ ଛାତ୍ର ଓ ଯୁବ ବିଜେଡି କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ।

ଭାଜପା ଯେଉଁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା ତାହା ପୂରଣ କରିବାରେ ବିଫଳ ହୋଇଛି। ବରିଷ୍ଠ ନାଗରିକଙ୍କୁ ୩୧ଶହ ଟଙ୍କା ଭତ୍ତା ପ୍ରହେଳିକା ପାଲଟିଛି। ପ୍ରତି ପରିବାରକୁ ୩୦୦ ୟୁନିଟ ବିଜୁଳି ବିଫଳ ହୋଇଛି ବୋଲି ବିଧାୟକ ତ୍ରିପାଠୀ କହିଥିଲେ। ଆଗାମୀ ଦିନରେ ବିଜେଡି ପୁଣି ଶକ୍ତିଶାଳୀ ହେବ। ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରିବାକୁ ସମସ୍ତେ ସଂକଳ୍ପ ନେବା ବୋଲି ସେ ଆହ୍ୱାନ ଦେଇଥିଲେ। ଗତ ସାଧାରଣ ନିର୍ବାଚନରେ ଭାଜପା ୪୦ ପ୍ରତିଶତ ଭୋଟ ପାଇଥିବାବେଳେ ବିଜେଡି ୪୧ ପ୍ରତିଶତ ଭୋଟ ପାଇ ମୁଖ୍ୟ ବିରୋଧୀଦଳ ଭୂମିକା ଦାୟିତ୍ୱ ନେଉଛି ବୋଲି କହିଥିଲେ।

୨୦୨୯ରେ ପୁଣି ଥରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ଦିଗରେ ଛାତ୍ର ଓ ଯୁବ ବିଜେଡିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ କହିଥିଲେ। ଆଗାମୀ ଦିନରେ କଲେଜ, ପଞ୍ଚାୟତ ଓ ପୌର ନିର୍ବାଚନ ହେବ। ଏ ସବୁରେ ଯୁବ ଓ ଛାତ୍ର ବିଜେଡି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ୨୪ ବର୍ଷ ଶାସନରେ ବିଜେଡି ସରକାର ମାତ୍ର ୭୦ ହଜାର କୋଟି ଋଣ କରିଥିଲା। ଭାଜପା ତା'ର ପ୍ରଥମ ବଜେଟରେ ୪୫ ହଜାର କୋଟି ଋଣ କରିଛି ବୋଲି ସେ କହିଥିଲେ। ୩ ମାସ ମଧ୍ୟରେ ଦରଦାମ ବୃଦ୍ଧି ପାଇଛି। ଓଡ଼ିଶାରୁ ୨୦ ସିଟ୍ ନେଇ ମଧ୍ୟ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ୟାକେଜ୍ କିମ୍ବା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନାହିଁ। ବିହାରକୁ ୨୫ ହଜାର କୋଟି ଓ ଆନ୍ଧ୍ରକୁ ୧୫ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଦିଆଯାଇଛି। ମହାନଦୀ ଓ ପୋଲାଭରମ୍‌କୁ ଦେଖିଲେ ଓଡ଼ିଆ ଅସ୍ମିତା କଥା ଜଳଜଳ ହୋଇ ଦିଶୁଛି ବୋଲି କହିଥିଲେ। ବିଜେଡି ଆଗାମୀ କଲେଜ, ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପୂରା ଦମ୍‌ରେ ଲାଗିବ ବୋଲି କହିଛନ୍ତି। ଏହି ବୈଠକରେ ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ପଣ୍ଡା, କୋରାପୁଟ ଜିଲା ଜୋନ୍ ସଭାପତି ତାପସ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ।

# ଶିକ୍ଷକ ବଦଳି ଦାବିରେ ସ୍କୁଲରେ ତାଲା

ଉମରକୋଟ, ୧୩।୮ (ସନ୍ତୋଷ ଶତପଥୀ)

ଶିକ୍ଷକମାନେ ନ ପଢ଼ାଇ ମୋବାଇଲ ଦେଖୁଛନ୍ତି। ଏଥିସହ ବଡ଼ି ମସାଜ, ପୁଜିଳି ଆଦି ଆଣିବାକୁ କହିବା ସହ ପିଲାମାନଙ୍କ ଦ୍ୱାରା ସେମାନଙ୍କ ଅଇଁଠା ଧୁଆଉଥିବା ଅଭିଯୋଗରେ ମଙ୍ଗଳବାର ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାରାଗାଁରେ ଅଭିଭାବକ ଓ ଗ୍ରାମବାସୀ ମଧ୍ୟାହ୍ନ ଭୋଜନ ପରେ ସ୍କୁଲରେ ତାଲା ପକାଇଛନ୍ତି। ୨ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କ ବଦଳି ନ ହେବା ଯାଏ ସ୍କୁଲ ଯିବୁନି ବୋଲି ଛାତ୍ରୀଛାତ୍ର ଚେତାବନୀ ଦେଇଛନ୍ତି। ଏବିଇଓ ପୁରୁଷୋତ୍ତମ ମାଝି ଘଟଣାସ୍ଥଳକୁ ଯାଇ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳିନି।

ସାର ବଡ଼ ବଡ଼ ଝିଅମାନଙ୍କୁ ଅଜାଗା ସ୍ଥାନରେ ମାଡ଼ ମାରୁଛନ୍ତି ବୋଲି ଗ୍ରାମବାସୀ ବିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ମେଘନାଦ ସରଦାର କହିଛନ୍ତି। ପୂର୍ବେ ଏହି ସ୍କୁଲରେ ୩୦୦ ପିଲା ପାଠ ପଢୁଥିଲେ। କିନ୍ତୁ ଏହାର ସଂଖ୍ୟା ଏବେ ୧୩୦କୁ ଆସିଛି। ବିଇଓ ତଦନ୍ତ କରନ୍ତୁ ବୋଲି କମିଟି ସଭାପତି କହିଛନ୍ତି। ବିଇଓ ବିକାଶ ଚନ୍ଦ୍ର ସରକାରଙ୍କୁ ପଚାରିବାରୁ ବର୍ତ୍ତମାନ ଉମରକୋଟ ବ୍ଲକରେ ୨୦୦ ଶିକ୍ଷକ ଅଭାବ। ନୂତନ ଶିକ୍ଷକଙ୍କ ନିଯୁକ୍ତି ପରେ ହିଁ ସେଠାରେ ଶିକ୍ଷକ ଦିଆଯିବ। ବର୍ତ୍ତମାନ ନିକଟସ୍ଥ ଏକ ସ୍କୁଲରୁ ଜଣେ ଶିକ୍ଷକଙ୍କୁ ଆଣି ନିଯୁକ୍ତି ଦିଆଯିବ ବୋଲି କହିବା ସହ ଗ୍ରାମବାସୀଙ୍କ ଅଭିଯୋଗର ତଦନ୍ତ ହେବ ବୋଲି ସେ କହିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଘଟଣା ସମ୍ପର୍କରେ ଅବଗତ ହୋଇ ବିଭାଗୀୟ ଅଧିକାରୀମାନଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି। ଅଭିଯୋଗରେ ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ଏ ନେଇ ପ୍ରଧାନ ଶିକ୍ଷକ ତ୍ରିନାଥ ବିଷୋୟୀଙ୍କୁ ପଚାରିବାରୁ ଗ୍ରାମବାସୀ ସ୍କୁଲରେ ତାଲା ପକେଇଛନ୍ତି, ବିଇଓ ଆସିଲେ ତାଲା ଖୋଲିବୁ ବୋଲି କହୁଛନ୍ତି। ଶିକ୍ଷକଙ୍କ ବିରୋଧରେ ଯେଉଁ ଅଭିଯୋଗ କରଯାଇଛି ତାହା ମୁଁ କେବେ ଦେଖିନାହିଁ, କେବଳ ଶୁଣିଛି। ଅଭିଯୋଗ ବିଷୟରେ ପୂର୍ବରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜଣାଇଛି ବୋଲି ସେ କହିଛନ୍ତି।



ଗ୍ରାମବାସୀ ସ୍କୁଲ ଫାଟକରେ ତାରା ପକାଉଛନ୍ତି ।

## ଅନ୍ତର୍ଜାତୀୟ ଯୁବ ଦିବସ

ନବରଙ୍ଗପୁର, ୧୩।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ମାଲେଶ୍ୱରୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୱାଇଆର୍‌ସି ସଂଯୋଜିକା ଡ ସଂଯୁକ୍ତା ପଣ୍ଡା, ଇଂରାଜୀ ବିଭାଗ ବରିଷ୍ଠ ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ରାଜନୀତି ବିଭାଗର ବରିଷ୍ଠ ଅଧ୍ୟାପକ ନୃପେନ୍ଦ୍ରନାଥ ଖୋସ୍‌ଲା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଯୁବପିଢ଼ିଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସିଟିସି କାଉନ୍‌ସିଲର ସିଏଚ ସାଇ ପ୍ରସାଦ, ମାନସୀ ବେହେରା, ବିନିତା ମନ୍ଦାର ପ୍ରମୁଖ ଏଚ୍‌ଆଇଭି / ଏଡ୍‌ସର କାରଣ ବୁଝାଇବା ସହ ନିରାକରଣ ନିମନ୍ତେ ସଚେତନତା କିପରି ଆବଶ୍ୟକ ସେ ନେଇ କହିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ତାରାନୁମ ଆରା, ଡ. ଏମ୍. ରୋହିଣୀରାଣୀ, ସୁନୀତା ପାତ୍ର, ଲକ୍ଷ୍ମୀକାନ୍ତ ସୌରାଙ୍କ ସମେତ ବହୁ ଛାତ୍ରୀ ଯୋଗଥିଲେ। ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପିକା ରଞ୍ଜୁଷା କୁମାରୀ ପ୍ରହରାଜ ଧନ୍ୟବାଦ ଦେଇଥିଲେ।

## ଏଚ୍‌ଆଇଭି ସମ୍ପର୍କରେ ସଚେତନତା

ନବରଙ୍ଗପୁର, ୧୩।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୁବଦିବସ ପାଳନ କରାଯାଇଛି। ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଉଚ୍ଚ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏଚ୍‌ଆଇଭି ଏଡ୍‌ସ ସଚେତନତା ଅଭିଯାନକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡି. ଗୋବିନ୍ଦା ରାଓ ଆରମ୍ଭ କରିଛନ୍ତି। ଜିଲା ଡାକ୍ତରଖାନା ଦିଶା ବିଭାଗର ପ୍ରାନ୍ତୀୟ ପ୍ରକଳ୍ପ ମ୍ୟାନେଜର ଚନ୍ଦ୍ରଶେଖର ପଟ୍ଟନାୟକ ଯୋଗଦେଇ ଏଡ୍‌ସର କାରଣ ନିରାକରଣ ଉପରେ ବୁଝାଇଥିଲେ। ୱାଇଆର୍‌ସି ଜିଲା ଆବାହକ ଅଧ୍ୟାପକ ଦିଲୀପ ହୋତା ରେଡ୍ ରିବନ କ୍ଲବ୍ ମାଧ୍ୟମରେ ଗାଁ ଗହଳିରେ ସଚେତନତା ସୃଷ୍ଟି କରାଯିବ ବୋଲି କହିଥିଲେ। ରେଡ୍‌କ୍ରସ୍ କାଉନସିଲର ନିର୍ମଳା ହିକ୍କା, ରଜନୀ ମିଞ୍ଜ ଓ ଅଶ୍ୱିନୀ ବେହେରା, ଜାତୀୟ ସେବାସଂସ୍ଥା ସଂଯୋଜିକା ମାନସୀ ମହାପାତ୍ର, ଅଧ୍ୟାପକ ପ୍ରିୟବ୍ରତ ସାହୁ, ବନମାଳୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାଉନସିଲର ଅଧ୍ୟାପିକା ରଜନୀ ମିଞ୍ଜ ଧନ୍ୟବାଦ ଦେଇଥିଲେ।

## ଡ୍ରେନ୍ କାମ ନିମ୍ନମାନର ଅଭିଯୋଗ

କୋଷାଗୁମୁଡ଼ା, ୧୩।୮ (ପ୍ରସାଦ ବିଷୋୟୀ)

### କାମ ପାଖରେ ଲଗାଯାଇନି ସୂଚନା ଫଳକ



ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସଦର ମହକୁମାରେ ଡ୍ରେନ୍ କାମ ନିମ୍ନମାନର ଅଭିଯୋଗ ହୋଇଛି। ଏହି ରାସ୍ତାର ଗୋଟିଏ ପାର୍ଶ୍ୱରେ ନୂତନ ଡ୍ରେନ୍ କାର୍ଯ୍ୟ କରାଯାଉଛି ହେଲେ ତାହା ନିମ୍ନମାନର। ଡ୍ରେନ୍ କାମ ପାଇଁ ଖୋଳା ଯାଉଛି। ଖୋଳା ସରିବା ପରେ ପାଣି ଭର୍ତ୍ତି ହୋଇଯାଉଛି। ଭର୍ତ୍ତି ପାଣି ଓ ତଳେ ଥିବା କାଦୁଅରେ ମଧ୍ୟ ଡ୍ରେନ୍ କାମ ଚାଲିଛି। ଆଣ୍ଠୁଏ ପାଣିରେ ମଧ୍ୟ ଗୋଡ଼ି ବାଲି ଓ ସିମେଣ୍ଟ ମିଶାଇ କଂକ୍ରିଟ୍ କରୁଛନ୍ତି। ପାଣି ଓ କାଦୁଅରେ କଂକ୍ରିଟ୍ କେତେ ଦିନ ରହିବ ତାହା ପ୍ରଶ୍ନ ସୃଷ୍ଟି କରୁଛି। ଏହି ଡ୍ରେନ୍ ଓ ରାସ୍ତା କାମ କେତେ ଟଙ୍କା ଓ କେତେ ଦିନରେ ଶେଷ ହେବ କେଉଁ ବିଭାଗର, ତଦାରଖ ପାଇଁ କିଏ ଅଛନ୍ତି ,ଠିକାଦାର କିଏ ତାହାର ସୂଚନା ଫଳକ ଲଗାଯାଇ ନାହିଁ।

ଡ୍ରେନ୍ କାମରେ ରଡ୍ ଏକ ଫୁଟ୍‌ରୁ ଊର୍ଦ୍ଧ୍ୱ ଦୂରତାରେ ବାନ୍ଧିଛନ୍ତି। ଡ୍ରେନ୍ ତିଆରି ହେବାର ଅଳ୍ପ ଦିନରେ ଭାଙ୍ଗିଯିବ ବୋଲି ଆଶଙ୍କା କରାଯାଉଛି। ଡ୍ରେନ୍ କାମରେ ହେଉଥିବା ଅନିୟମିତତା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଥିବା ନେଇ କୋଷାଗୁମୁଡ଼ା ପଞ୍ଚାୟତ ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ କହିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ରଶ୍ମିରଞ୍ଜନ ସେଠୀଙ୍କୁ ପଚାରିବାରୁ ରବିବାର କାମ ପାଖକୁ ଯାଇଥିଲି। କାମ ଠିକ୍‌ରେ ଚାଲିଛି ବୋଲି ସେ କହିଛନ୍ତି। ରଡ୍ କେତେ ଦୂରତାରେ ବାନ୍ଧିବେ ବୋଲି ପଚାରିବାରୁ ୧୭.୫ ସେ.ମି. ଦୂରତାରେ ବାନ୍ଧିବାର ନିୟମ ରହିଛି। ସେଥିରେ ଟିକେ ନିକେ କ'ଣ ହୋଇଯାଇଥିବ ବୋଲି ସେ କହିଛନ୍ତି। କାର୍ଯ୍ୟ ତଦାରଖ ପାଇଁ କୌଣସି ସରକାରୀ ଯନ୍ତ୍ରୀ ଉପସ୍ଥିତ ରହୁ ନ ଥିବା ସ୍ପଷ୍ଟ ଜାରି ହେଉଛି। ଫଳରେ ଠିକାଦାର ମନଇଚ୍ଛା କାମ କରୁଛନ୍ତି।

# ତେନ୍ତୁଲିଖୁଣ୍ଟିରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ତେନ୍ତୁଲିଖୁଣ୍ଟି, ୧୩।୮ (ଚିଦାନନ୍ଦ ସାହୁ)

ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ତେନ୍ତୁଲିଖୁଣ୍ଟିସ୍ଥିତ ବାପୁଜୀ ସରକାରୀ ହାଇସ୍କୁଲରୁ ଏକ ସଚେତନତା ବାହାରିଥିଲା। ଘରେ ଘରେ ତ୍ରିରଙ୍ଗା ଲଗାଇବାକୁ ସଚେତନ କରାଯାଇଛି। ପ୍ରଧାନ ଶିକ୍ଷକ ଉମରସିଂହ ନାୟକ, ଶିକ୍ଷକ ଆନନ କୁମାର ଭତରା, ମନୋଜ ପୂଜାରୀ, ବିକାଶ ରଞ୍ଜନ ସାହୁ, ସୁରେନ୍ଦ୍ର ଧାକଡ଼, ଜଗଦୀଶ ଭତରା, ଭୁବନ ହରିଜନ, ହିମାଂଶୁ ବାରିକ, ଲିଙ୍ଗରାଜ ମାଝି, ନୀଳମାଧବ ଦାଶ, ଜ୍ୟୋତିଷ ରଞ୍ଜନ ପଟ୍ଟନାୟକ, ଶଶୀଧର ଶବର, ଅନାମ ବିପ୍ଳବୀ, ଜ୍ଞାନଜ୍ୟୋତି ମହାନ୍ତି, ସଙ୍ଗୀତା କୁମାରୀ ସାବତ, ଶୁଭସ୍ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ନିଶା ନିବାରଣ ନେଇ ଶପଥ ପାଠ

ତେନ୍ତୁଲିଖୁଣ୍ଟି, ୧୩।୮ (ଚିଦାନନ୍ଦ ସାହୁ)

ତେନ୍ତୁଲିଖୁଣ୍ଟି ବ୍ଲକ ସମସ୍ତ କର୍ମଚାରୀ ନିଶା ନିବାରଣ ନେଇ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କୁ ସଚେତନ କରିଛନ୍ତି। ମନଇଚ୍ଛା ଛେପ ପକେଇବା ନାହିଁ, ନିଶା ମୁକ୍ତ ଅଞ୍ଚଳ ଗଠନ, ନିଶା ସେବନ ଦ୍ୱାରା ହେଉଥିବା ସମସ୍ୟା ସମ୍ପର୍କରେ ବୁଝାଇବାକୁ ବିଡିଓ ମନୋଜ କୁମାର ପାଣିଗ୍ରାହୀ କହିଛନ୍ତି। ନିଶା ନିବାରଣ ନେଇ ସମସ୍ତ କର୍ମଚାରୀ ଶପଥ ପାଠ କରିଥିଲେ।

# ବରପୁତ୍ରଙ୍କ ସ୍ମୃତିଚାରଣ ବିଭିନ୍ନତା ଭିତରେ ଏକତା ବାର୍ତ୍ତା

ଝରିଗାଁ, ୧୩।୮ (କିଶୋର ଚନ୍ଦ୍ର ମଣ୍ଡଳ)

ଝରିଗାଁ ବିଧାୟକ ନରସିଂହ ଭତ୍ରାଙ୍କ ଉପସ୍ଥିତିରେ ଝରିଗାଁଠାରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଉମରକୋଟ ବ୍ଲକ ବଡ଼ଭରଣ୍ଡିସ୍ଥିତ ଶହୀଦ ବଗା ପୂଜାରୀଙ୍କ ଶହୀଦ୍ ସ୍ତମ୍ଭ ନିକଟରେ ପୂର୍ବତନ ବିଧାୟିକା ପରମା ପୂଜାରୀଙ୍କ ଉପସ୍ଥିତିରେ ଶହୀଦଙ୍କ ସ୍ମୃତି ଚାରଣ କରାଯାଇଥିଲା। ତ୍ରିରଙ୍ଗା ସଜ୍ଜିତ ଶତାଧିକ ବାଇକ୍ ଝରିଗାଁ ବ୍ଲକର ଧୋଡ୍ରା, ବକଡ଼ାବେଡ଼ା, ଧାମନାଗୁଡ଼ା, ଚାଟିଗୁଡ଼ା, କାନାକୋଟ ପଞ୍ଚାୟତ ଦେଇ ଝରିଗାଁ ସଦରରେ ପହଞ୍ଚିଥିଲା। ଏହି ସମୟରେ ରାୟଗଡା ଜିଲା ଭାଜପା ପ୍ରଭାରୀ ଗୋବିନ୍ଦ ଜୈନ, ଝରିଗାଁ ନିର୍ବାଚନ ମଣ୍ଡଳୀ ସଂଯୋଜକ ଚନ୍ଦ୍ରଭାନୁ ନାୟକ, ଝରିଗାଁ ମଣ୍ଡଳ ସଭାପତି ଗଣପତି ସାହୁ, ଧୋଡ୍ରା ମଣ୍ଡଳ ସଭାପତି ମନୁରାଜ ଗଣ୍ଡ, ଚଚା ମଣ୍ଡଳ ସଭାପତି ମହେଶ୍ୱର ତିୱାରୀ, ଝରିଗାଁ ଯୁବମୋର୍ଚ୍ଚା ସଭାପତି ଗଜେନ୍ଦ୍ର ପାଣ୍ଡେ, ଯୁବମୋର୍ଚ୍ଚା ଜେନେରାଲ ସମ୍ପାଦକ ସୁଦାମ ତିୱାରୀ, ପିଙ୍କୁ ତିୱାରୀ, ଫିରଜ୍ ସୋଡଙ୍ଗି, ସୁଜନ ଭକ୍ତ, ପଞ୍ଚାନନ ବୋବାଳି, ଶଙ୍କର ସାହୁ, ପ୍ରଫୁଲ୍ଲ ପ୍ରଧାନୀ, ବିକି ରଥ, ରଞ୍ଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଶହୀଦ ବଗା ପୂଜାରୀଙ୍କ ଶହୀଦ ସ୍ତମ୍ଭ ନିକଟରେ ବିଧାୟକଙ୍କ ସହ ଅନ୍ୟ ଅତିଥି।




ନବରଙ୍ଗପୁରରେ ଆୟୋଜିତ ତ୍ରିରଙ୍ଗା ଯାତ୍ରାରେ ଜିଲାପାଳ ଓ ଅନ୍ୟମାନେ।

ନବରଙ୍ଗପୁର, ୧୩।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ କରାଯାଉଛି। ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ପୁରୁଣା ମଣ୍ଡେଇ ପଡିଆରୁ ଏକ ଶୋଭାଯାତ୍ରା ବାହାରି ନବରଙ୍ଗପୁର ହାଇସ୍କୁଲ ପର୍ଯ୍ୟନ୍ତ ଯାଇଥିଲା। ଜିଲାପାଳ ଡଃ ଶୁଭଙ୍କର ମହାପାତ୍ର ଏହାର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ (ସାଧାରଣ) ମହେଶ୍ୱର ନାୟକ, ପୌରାଧ୍ୟକ୍ଷ କୁନୁ ନାୟକ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲାପରିଷଦ ଯଦୁମଣି ନାୟକ, ଡିଇଓ ଛତ୍ରପତି ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ୍ ପଟ୍ଟନାୟକ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ଓଆର୍‌ଏମ୍‌ଏସ୍ ସିଇଓ ଉମା ମହେଶ, ରାଜେଶ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ଶିକ୍ଷାବିତ୍ ବିଦ୍ୟାଳୟ, ମହାବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀ ଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ବିଭିନ୍ନତା ମଧ୍ୟରେ ଏକତା ବାର୍ତ୍ତା ଦେଇ ଦେଶପ୍ରୀତିକୁ ଉଦ୍‌ଜୀବିତ କରିବା ଲକ୍ଷ୍ୟ ନେଇ ସମସ୍ତେ ତ୍ରିରଙ୍ଗା ଧରି ଦେଶପ୍ରେମର ନାରା ଦେଇଥିଲେ। ଏହି ଅବସରରେ ପୌରପାଳିକା ଉଚ୍ଚବିଦ୍ୟାଳୟରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରେ ସମସ୍ତେ କାନଭାସ୍‌ରେ ନିଜର ବାର୍ତ୍ତା ଓ ସ୍ୱାକ୍ଷର କରି ସେଲ୍‌ଫି ପଏଣ୍ଟରେ ତ୍ରିରଙ୍ଗା ସହ ଫଟୋ ଉଠାଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ ପରିଚାଳନା କରିଥିଲେ।

## ଜୟ ହିନ୍ଦ୍‌ରେ କମ୍ପିଲା ଚନ୍ଦାହାଣ୍ଡି

ଚନ୍ଦାହାଣ୍ଡି,(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍‌ରେ ମଙ୍ଗଳବାର ଜାତୀୟ ଦିବସ ପାଳନ କମିଟି ତଥା ବ୍ଲକ ପ୍ରଶାସନ ପକ୍ଷରୁ ଘର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାମକୃଷ୍ଣ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ମୁଖ୍ୟ ଅତିଥି, ଝରିଗାଁ ବିଧାୟକ ନରସିଂହ ଭତ୍ରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏକ ଶୋଭାଯାତ୍ରା ବ୍ଲକ୍‌ରୁ ହନୁମାନ ମନ୍ଦିର ଛକ ଦେଇ ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ, ପୋଲିସ, ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ମହାବିଦ୍ୟାଳୟ ଅଧ୍ୟାପକ, ଆଶା ଅଙ୍ଗନୱାଡି କର୍ମୀ, ଏସ୍‌ଏଚ୍‌ଜି ମହିଳା ପ୍ରମୁଖ ସାମିଲ ହୋଇଥିଲେ। ଭାଜପା ବରିଷ୍ଠ ନେତା ଶ୍ୟାମସୁନ୍ଦର ମାଝି, ବସନ୍ତ ମାଝି, ଅକାଲୁ ଜାଲି, ଭରତ ବାଘ, ମାଲଗାଁ ମଣ୍ଡଳ ସଭାପତି ମୋହନ ନାୟକ, କେଦାର ପୂଜାରୀ, ଭୋଦେବ ବାଘ, ଶୁକ୍ରୁ ନାୟକ, ବଂଶୀ ବଞ୍ଜାରା, ରତା ନାୟକ, ପ୍ରଭାତ ସୁନା, ପ୍ରମୁଖ ସାମିଲ ହୋଇଥିଲେ।



ଶୋଭାଯାତ୍ରାରେ ନବରଙ୍ଗପୁର ଏମ୍‌ପି, ଝରିଗାଁ ବିଧାୟକ ଓ ଅନ୍ୟମାନେ।

